## ସଂକ୍ଷେପରେ

### ୧୭ ରୁ କଳିଙ୍ଗନଗର ପୁସ୍ତକମେଳା
## ୬୦ ପ୍ରକାଶକ, ପୁସ୍ତକ ବିକ୍ରେତା ଯୋଗଦେବେ

**ଯାଜପୁର ଅଫିସ,୧୪।୧୨:** ଆସନ୍ତା ୧୭ରୁ ଜିଲା ଭାଷା ସାହିତ୍ୟ ସଂସ୍କୃତି ପରିଷଦ ଓ ଯାଜପୁର ଜିଲା ପ୍ରଶାସନ ସହଯୋଗରେ ଆରମ୍ଭ ହେବାକୁ ଥିବା କଳିଙ୍ଗନଗର ପୁସ୍ତକମେଳାରେ ଓଡ଼ିଶାର ସ୍ୱନାମଧନ୍ୟ ୬୦ରୁ ଊର୍ଦ୍ଧ୍ୱ ପ୍ରକାଶକ ଓ ପୁସ୍ତକ ବିକ୍ରେତା ଯୋଗଦେବେ ବୋଲି ସେମାନଙ୍କ ସମ୍ମତି ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଶିଷ୍ଟ ସାହିତ୍ୟିକଙ୍କୁ ନେଇ ପାଠଚକ୍ରମାନ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମରେ କୋରେଇ, ସୁକିନ୍ଦା, ଦାନଗଦୀ ଏବଂ ରସୁଲପୁର ବ୍ଲକର ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇ ଅଧିକରୁ ଅଧିକ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବାର ବ୍ୟାପକ ପ୍ରସ୍ତୁତି କରାଯାଇଛି। ପୁସ୍ତକ ମେଳାର ଉଦ୍‌ଘାଟନ ଉତ୍ସବରେ କୋରେଇ ବିଧାୟକ ଅଶୋକ କୁମାର ବଳ ଉଦ୍‌ଘାଟକ, ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମ୍ମାନିତ ଅତିଥି, ବିଶିଷ୍ଟ ସାହିତ୍ୟିକ ଦାସ୍ ବେନହୁର୍ ମୁଖ୍ୟବକ୍ତା ଭାବେ ଏବଂ ଓ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ କଳିଙ୍ଗନଗରର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟଦିନଗୁଡ଼ିକରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ, ଗାଳ୍ପିକ, କବି, ଲେଖକ ଓ ପ୍ରଶାସନିକ ଅଧିକାରୀମାନେ ମଞ୍ଚମଣ୍ଡନ କରି ପୁସ୍ତକମେଳାର ଆକର୍ଷଣ ବଢ଼ାଇବେ। ୬ ଦିନ ବ୍ୟାପୀ ଏହି ପୁସ୍ତକମେଳା ସ୍ଥାନୀୟ ରାଜୀବ ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

## ବାଳିକା ଆତ୍ମରକ୍ଷା କୌଶଳ ଶିବିର

**ଚଣ୍ଡିଖୋଲ,୧୪।୧୨(ଡି.ଏନ.ଏ):** ବଡ଼ଚଣା ବ୍ଲକ ନୂଆହାଟସ୍ଥିତ ବିଷ୍ଣୁସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ବାଳିକା ଆତ୍ମରକ୍ଷା କୌଶଳ ଶିବିରର ଶନିବାର ଉଦ୍‌ଯାପନ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟି ମୁଖ୍ୟଅତିଥିଭାବେ ଯୋଗଦେଇ ଦେଶରେ ମହିଳା ଓ ଶିଶୁମାନଙ୍କ ଉପରେ ଯୌନ ନିର୍ଯାତନା, ଶୋଷଣ, ଅତ୍ୟାଚାର ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରତ୍ୟେକ ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ନିଜେ ସଶକ୍ତ ହେବା ପାଇଁ ଆତ୍ମସୁରକ୍ଷା କୌଶଳ ପ୍ରଦାନ କରଛନ୍ତି। ଏଥିରେ ମୁଖ୍ୟବକ୍ତାଭାବେ ଅଧାପକ ପବିତ୍ର ମୋହନ ମାହାଲା, ସମ୍ମାନିତ ଅତିଥି ଭାବେ ଅଧାପକ ପ୍ରମୋଦ କୁମାର ଖଣ୍ଡାଇ, ବ୍ରଜକିଶୋର ସ୍ୱାଇଁ, ବିମଳେନ୍ଦୁ ପଟ୍ଟନାୟକ, ସନାତନ ନାୟକ, ସତ୍ୟପ୍ରକାଶ ନାୟକ, ଭାଗ୍ୟଧର ନାୟକ ପ୍ରମୁଖ ଯୋଗଦେଇ ବାଳିକା ଆତ୍ମକୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ୨ଶହ ଛାତ୍ରୀଙ୍କୁ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପ୍ରଶିକ୍ଷଣ ଦିଆଯାଉଛି। ସଂଯୋଜିକା ସରିତା ସେଠୀ, ସଂଯୋଜକ କିଶୋର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ପ୍ରଶିକ୍ଷିକା ଭାବେ ଅଲିଭା ସେଠୀ, ଗୀତାଞ୍ଜଳି ନାୟକ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିଥିଲେ।

## ପ୍ରେରଣା ମହିଳା ସଂଘର ସ୍କୁଲକୁ ସାହାଯ୍ୟ

**କାଳିଆପାଣି,୧୪।୧୨(ଡିଏନଏ):** ଇମ୍ଫା କମ୍ପାନୀ ମହାଗିରି କଲୋନୀ ପରିସରରେ ରହିଥିବା ମହିଳା ସଂଘ ପ୍ରେରଣା ପକ୍ଷରୁ ବଳଦିଆପାଳ ଗ୍ରାମର ସରସ୍ୱତୀ ଶିଶୁ ବିଦ୍ୟାନିକେତନ ସ୍କୁଲକୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଛି। ଶୁକ୍ରବାର ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ମହିଳା ସଂଘ ଆବାସିକରେ ରହୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ୫ଟି ଖଟ, ସମସ୍ତଙ୍କ ପାଇଁ ମଶାରୀ, ଆଲମିରା,ପ୍ରାଥମିକ ଚିକିତ୍ସା ଉପକରଣ ଓ ଖେଳ ସାମଗ୍ରୀ ପ୍ରଦାନ କରିଛନ୍ତି । ସ୍କୁଲରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ପ୍ରେରଣା ମହିଳା ସଂଘ ସଭାନେତ୍ରୀ ଅନିତା ପାଟନୀ ମୁଖ୍ୟ ଅତିଥି, ମରୁଆବିଲ ପୂର୍ବତନ ସରପଞ୍ଚ ପ୍ରତାପ ମାରାଣ୍ଡି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମହିଳା ସଂଘ କୋଷାଧ୍ୟକ୍ଷ ଅନିତା ପୃଷ୍ଟି, ସଭ୍ୟ ମିନାକ୍ଷୀ ପଣ୍ଡା,ନିବେଦିତା ନାଗ ଓ ସେକ ଆଫ୍ରିନ ସ୍କୁଲ ସାମଗ୍ରୀ ବଣ୍ଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ମହାନ୍ତ ସଭା ପରିଚାଳନା କରିଥିଲେ। ଇମ୍ଫା କମ୍ପାନୀ ବରିଷ୍ଠ ଲୋକସମ୍ପର୍କ ପରିଚାଳକ ଜଗନ୍ ମୋହନ ମଲ୍ଲିକ ଓ ପରିଚାଳକ ମିଳନ ରଞ୍ଜନ କର ଉପସ୍ଥିତ ରହି କାର୍ଯ୍ୟରେ ସହଯୋଗ କରିଥିଲେ।

### ହରିଦାସପୁର- ପାରାଦୀପ ରେଳ ପ୍ରକଳ୍ପ
# ୨୨ ବର୍ଷ ପରେ ବି ସରିଲାନି କାର୍ଯ୍ୟ

**ଚଣ୍ଡିଖୋଲ,୧୪।୧୨(ଡି.ଏନ.ଏ)**



■୮୨ କି.ମି. ରେଳପଥରୁ ସମ୍ପୂର୍ଣ୍ଣ ହୋଇଛି ୪୭ କି.ମି.

■ଡିସେମ୍ବର ଶେଷ ସୁଦ୍ଧା କାମ ସରିବା ଆଶଙ୍କା

ହରିଦାସପୁର- ପାରାଦୀପ ରେଳ ପ୍ରକଳ୍ପ କାର୍ଯ୍ୟ ଦୀର୍ଘ ୨୨ ବର୍ଷ ଧରି ଚାଲିଛି। ଏହି ରେଳପଥ କାର୍ଯ୍ୟ ସରିବା ନେଇ ବାରମ୍ବାର ସମୀକ୍ଷା ଓ ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ତାହା ଶେଷ ହୋଇପାରି ନାହିଁ। ଚଳିତ ମାସ ଶେଷ ସୁଦ୍ଧା କାର୍ଯ୍ୟ ଶେଷ ହେବ ବୋଲି କୁହାଯାଉଥିଲେ ମଧ୍ୟ ସେ ନେଇ ଆଶଙ୍କା ଦେଖାଦେଇଛି। ୮୨ କି.ମି. ୨୦୦ ମିଟର ରେଳପଥ ମଧ୍ୟରୁ ୪୭ କି.ମି. ରେଳପଥ ସମ୍ପୂର୍ଣ୍ଣ ହୋଇଥିବାବେଳେ ଆଉ ୩୫କି.ମି. କାର୍ଯ୍ୟ ଚାଲୁରହିଛି। ତେବେ ଓଡ଼ିଶାର ପ୍ରଥମ ଫାଟକ ବିହୀନ ଏହି ରେଳପଥଟି କାର୍ଯ୍ୟକ୍ଷମ ହେବା ପାଇଁ ଯେଉଁ ବିଦ୍ୟୁତ ଗ୍ରୀଡର ଆବଶ୍ୟକତା ରହିଛି ତାହା ଅଦ୍ୟାବଧି ହୋଇନାହିଁ। ଗତ ଜୁନ ୩୦ ସୁଦ୍ଧା ରେଳ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ନିଷ୍ପତ୍ତି ନିଆଯାଇଥିବାବେଳେ ରେଳ ବିକାଶ ନିଗମ ଲିମିଟେଡ (ଆରଭିଏନ୍‌ଏଲ୍) କେନ୍ଦ୍ରପଡ଼ାର ବାଜପୁରା ଷ୍ଟେଶନ ପର୍ଯ୍ୟନ୍ତ ରେଳ ଧାରଣା କାର୍ଯ୍ୟ ଶେଷ କରିଦେଇଛି। ସେଥିପାଇଁ ଜୁନ ୨୯ରେ ଏକ ଟ୍ରାଏଲ ଇଞ୍ଜିନ ଆରଭିଏନ୍‌ଏଲ୍ ତରଫରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ପରୀକ୍ଷଣମୂଳକ ଭାବେ ଚଳାଯାଇଥଲା। ଅଦ୍ୟାବଧି ପାରାଦୀପ ପର୍ଯ୍ୟନ୍ତ ରେଳଧାରଣା ବିଛାଇବା କାର୍ଯ୍ୟ ଶେଷ ହୋଇ ନାହିଁ। ଏ ସମ୍ପର୍କରେ ପୂର୍ବତଟ ରେଳୱେ ଓ ରେଳ ମନ୍ତ୍ରଣାଳୟ ତରଫରୁ ୨୦୧୯ ଡିସେମ୍ବର ସୁଦ୍ଧା କାର୍ଯ୍ୟ ଶେଷ କରି ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ରହିଛି। ଏହା ମଧ୍ୟରେ ଶିଳିପୁର ଓ ସାନଗାଁ ନିକଟରେ ରେଳ ଧାରଣା ବିଛା କାର୍ଯ୍ୟ ହୋଇନାହିଁ। ତେଣୁ ଡିସେମ୍ବର ଶେଷ ସୁଦ୍ଧା କାର୍ଯ୍ୟ ଶେଷ ହୋଇ ରେଳ ଚାଲିବା ନେଇ ଆଶଙ୍କା ପ୍ରକାଶ ପାଇଛି। ସୂଚନା ଥାଉକି, ଏହି ରେଳପଥଟି ୩ଟି ଜିଲାଦେଇ ଅତିକ୍ରମ କରୁଛି। ଯାଜପୁର ଜିଲା ମଧ୍ୟରେ ୨୯କି.ମି. କେନ୍ଦ୍ରପଡ଼ା ଜିଲାରେ ୪୩ କି.ମି. ଓ ଜଗତସିଂହପୁର ଜିଲାର ୧୦ କି.ମି. ଦେଇ ସମ୍ପୃକ୍ତ ରେଳପଥ ଅତିକ୍ରମ କରିବ। ତେବେ ଦୀର୍ଘ ୨୨ବର୍ଷ ତଳେ ୧୯୯୭ ମସିହା ଜୁନରେ ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତେବେଳେ ୧୦ବର୍ଷ ମଧ୍ୟରେ ଜମି ଅଧିଗ୍ରହଣ ଶେଷ କରିବା ପରେ ୨୦୦୯ରେ ରେଳ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରତିଶ୍ରୁତି ରକ୍ଷା କରିବା ପାଇଁ ଆରଭିଏନଏଲ ତରଫରୁ ଡେସେମ୍ବର ଶେଷ ସୁଦ୍ଧା କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ରେଳ ଚଳାଚଳ କରିବ ବୋଲି ପ୍ରଚେଷ୍ଟା ଜାରି ରହିଛି। ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ପାରାଦୀପ ପର୍ଯ୍ୟନ୍ତ ରେଳ ଚାଲିବା ସମ୍ଭବ ନୁହେଁ। ଏ ସମ୍ପର୍କରେ ଆରଭିଏନଏଲର ଡିଜିଏମ ଶୈଳେନ୍ଦ୍ର ନାୟକଙ୍କୁ ପଚାରିବାରେ, ଡିସେମ୍ବର ଶେଷ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଚେଷ୍ଟା ଜାରି ରହିଛି। ତେବେ ବିଦ୍ୟୁତ ସମସ୍ୟା ପାଇଁ ଏହା ବିଳମ୍ବ ହୋଇପାରେ ବୋଲି କହିଛନ୍ତି।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖା ଖା ବୋଇଲେ କି ଦିନ ସରେ,**
**ନା ଦେବି ଦେବି ବୋଇଲେ ଦୁଃଖ ହରେ ?**

ଆପଣାର ଭାବ ନ ଥିଲେ ଯେତେ ସୁନ୍ଦର ଖାଦ୍ୟ ହୋଇଥିଲେ ମଧ୍ୟ ପାଟିକୁ ତାହା ରୁଚି ନ ଥାଏ। ସାହାଯ୍ୟ ନ କରି ଦେବି ଦେବି ବୋଲି ମିଛ ଆଶ୍ୱାସନା ଦେଇ ଚାଲିଲେ ଦୁଃଖର ଦିନ ହଟିଯାଇ ନ ଥାଏ। ଯେଉଁଠି ସ୍ନେହ, ଆଦର, ସହାନୁଭୂତି ତଥା ଆନ୍ତରିକ ଭାବ ନ ଥାଏ ସେଠି ଏସବୁ ମୂଲ୍ୟହୀନ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଲିଆ ବୋଇଲା ପାଟଳାରେ**
**ଦେଖ ମୋର ଚାଲିକି**
**ତୁ ମୁଁ ଦିହେଁ ଏକାଠି ହେଲେ**
**ଗୋସେଇଁ ଖାଇବା କାଲିକି ।**

ଖଲିଆ ଓ ପାଟଳା ବଳଦ ଉଭୟେ ମାଲିକର ଅମଙ୍ଗଳ ଚାହାନ୍ତି। ଖାଲିଆ ବଳଦ ଭଲ ଚାଲିପାରେ ନାହିଁ, ସେ ପାଟଳାକୁ ସାଙ୍ଗକରି ତା'ପରି ଧୀରେ ଚାଲିବାକୁ ପ୍ରବର୍ତ୍ତାଇବା ଅର୍ଥ ଚାଷକାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା। ଫଳସ୍ୱରୂପ ଏପରି ବଳଦ ଥିଲେ ମାଲିକର ଭୀଷଣ କ୍ଷତି ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ବିଦ୍ୟାଳୟରେ ଛାତ୍ରୀଙ୍କୁ ଅସଦାଚରଣ ଘଟଣା
## ଅଭିଯୁକ୍ତ ଶିକ୍ଷକଙ୍କୁ ସ୍କୁଲ ଆସିବା ବାରଣ

**ରସୁଲପୁର,୧୪।୧୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋଠିଡିହସ୍ଥିତ ବୈଷ୍ଣବ ନାୟକ ବଦ୍ୟାପୀଠର ଜଣେ ଅସ୍ଥାୟୀ ଶିକ୍ଷକ ଜନୈକା ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ରୀଙ୍କ ପ୍ରତି ବୁଧବାର ଅସଦାଚରଣ ପ୍ରଦର୍ଶନ କରିଥିଲେ। ଉକ୍ତ ଘଟଣାକୁ ଆଇନ ହାତରୁ ଛଡ଼ାଇବାରେ ସକ୍ଷମ ହୋଇଛନ୍ତି ରାଜନେତା, ମୁଖିଆ ବୋଲାଉଥିବା କେତେଜଣ ଲୋକେ। ଅଭିଯୋଗକାରୀଙ୍କୁ ବିଭିନ୍ନ ଭୟ ଓ ପ୍ରଲୋଭନ ଦେଖାଇ ଅଭିଯୋଗପତ୍ର ଥାନାରେ ପହଞ୍ଚିବା ପୂର୍ବରୁ ଏହାକୁ ରୋକିବାରେ ସଫଳ ହୋଇଛନ୍ତି ବୋଲି କୁହାଯାଉଛି। ଉକ୍ତ ମାମଲାକୁ ଗାଁର କଙ୍ଗାରୁ କୋର୍ଟରେ ଏକ ପ୍ରକାର ସମାଧାନ କରି ଘଟଣାକୁ ରଫାଦଫା କରିଛନ୍ତି। ଶନିବାରଠାରୁ ସମ୍ପୃକ୍ତ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଆସିବାକୁ ବାରଣ କରାଯାଇଛି। ହେଲେ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ଭଳି ସଙ୍ଗୀନ ଅଭିଯୋଗ ଅଧାବାଟରେ ଅଟକି ଯାଇଛି। ଲିଖିତ ଅଭିଯୋଗ ନ ପାଇ ପୋଲିସ ମଧ୍ୟ ହାତ ଟେକି ଦେଇଛି । ଯାହାକୁ ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ନିନ୍ଦା କରାଯାଇଛି।

ଘଟଣାରୁ ପ୍ରକାଶ ଯେ, ଅଭିଯୁକ୍ତ ଶିକ୍ଷକ ଶ୍ରେଣୀଗୃହରେ ଜନୈକା ଛାତ୍ରୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ଛାତ୍ରୀଙ୍କ ଅଭିଭାବକମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନନ୍ଦ ନାୟକଙ୍କୁ ଅଭିଯୋଗ କରିଥିଲେ। ସେଦିନ ବିଦ୍ୟାଳୟ ଛୁଟି ହୋଇଯାଇଥିବାରୁ ଘଟଣା ବିଚାର ପାଇଁ ପରଦିନକୁ ରଖାଯାଇଥିଲା। ସେହି ମୁତାବକ ପରଦିନ ଅଭିଭାବକମାନେ ବିଦ୍ୟାଳୟରେ ପହଁଚି ଥିଲେ। ଅଭିଯୁକ୍ତ ଶିକ୍ଷକଙ୍କୁ ଦେଖିବା ମାତ୍ରକେ ବିଦ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାଜାଣି ଧର୍ମଶାଳା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଶିକ୍ଷକଙ୍କୁ ଉତ୍ତେଜିତ ଲୋକଙ୍କ କବଳରୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ କୋଟପୁର ଫାଣ୍ଡିରେ ଅଟକ ରଖାଯାଇ ପଚରା ଉଚୁରା କରାଯାଇଥିଲା। ପରେ ଏହି ମାମଲାକୁ ରଫାଦଫା କରିବା ପାଇଁ ଭିତିରି ଯୋଜନା କରାଯାଇଥିଲା । ପୋଲିସ ମଧ୍ୟ ଅଭିଯୁକ୍ତ ଶିକ୍ଷକଙ୍କୁ ଛାଡ଼ି ଦେଇଥିଲା। ଅଭିଯୁକ୍ତଙ୍କୁ ଆଇନର ହାତକୁ ନ ଦେଇ ଗାଁ ଲୋକେ ମମଲାକୁ ରଫାଦଫା କରିଦେଇଥିଲେ। ଉକ୍ତ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଆସିବା ପାଇଁ ବାରଣ କରାଯାଇଛି । ଅପରପକ୍ଷରେ ଗାଁରେ ବସିଥିବା ବୈଠକରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାୟକଙ୍କୁ ଦୂରେଇ ରଖାଯାଇଛି ବୋଲି ସେ ମତ ରଖିବା ସହ ଏ ଦିଗରେ ସେ ଅଧିକ କିଛି ଜାଣି ନାହାନ୍ତି ବୋଲି ପ୍ରକାଶ କରିଛନ୍ତି।

### ୩ ମାସ କୋମାରେ ରହିବା ପରେ ଯୁବକଙ୍କ ମୃତ୍ୟୁ
## ଥାନା ବାରଣ୍ଡାରେ ମୃତଦେହ ରଖି ନ୍ୟାୟ ଦାବି

**ଦଶରଥପୁର,୧୪।୧୨(ଡିଏନ୍‌ଏ)**



**ସନ୍ଦେହଜନକ ଭାବେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର ଘଟଣା**

ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ଚାନ୍ଦକୁଡ଼ା ଗ୍ରାମର ଶଙ୍କର୍ଷଣ ଯେନାଙ୍କ ପୁଅ ପରେଶ(୪୨)ଙ୍କୁ ତିନିମାସ ତଳେ କଟିକଟା ନାୟକସାହି ଛକ ନିକଟରେ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହାପରେ ପରେଶଙ୍କୁ କଟକ ବଡ଼ ମେଡିକାଲ ଓ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେବେଠାରୁ ସେ କୋମା ଅବସ୍ଥାକୁ ଚାଲି ଯାଇଥିଲେ। ମାତ୍ର ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ପରିବାରଲୋକେ ଏବଂ ଗ୍ରାମବାସୀ ପରେଶଙ୍କ ମୃତ୍ୟୁ ପାଇଁ ଜଣେ ଯୁବକଙ୍କୁ ଦାୟୀ କରି ଶୁକ୍ରବାର ରାତି ଅଧରେ ମଙ୍ଗଳପୁର ଥାନା ବାରଣ୍ଡାରେ ମୃତଦେହ ରଖି ନ୍ୟାୟ ପାଇଁ ଦାବି କରିଥିଲେ। ତେବେ ଶାସକ ଦଳର ଜଣେ ନେତା ଘଟଣାକୁ ରଫାଦଫା କରିବା ଲାଗି ରାତି ଅଧରେ ଥାନାରେ ପହଞ୍ଚି ପରେଶଙ୍କ ସ୍ତ୍ରୀଙ୍କୁ ଏକ ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେବା ସହ ଥାନାରେ ନଗଦ ୨ଲକ୍ଷ ୨୦ହଜାର ଟଙ୍କା ଦେଇଥିଲେ। ଏହାପରେ ପରିବାର ଲୋକେ ଥାନା ବାରଣ୍ଡାରୁ ମୃତଦେହ ଉଠାଇ ନେଇଥିଲେ। ପୋଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସୂଚନା ଯେ, ଗତ ଅଗଷ୍ଟ ୨୧ରେ ଦଶରଥପୁର ପଞ୍ଚାୟତ ଦଶରଥପୁର ଗ୍ରାମର ଜଣେ ଯୁବକ ଜିଲା ବିଜେଡି ସଭାପତିଙ୍କ ଦେହ ଖରାପ ଅଛି, ତାଙ୍କୁ ଦେଖାକରିବାକୁ ଯିବା ବୋଲି କହି ପରେଶଙ୍କୁ ଭୁବନେଶ୍ୱର ନେଇ ଯାଇଥିଲେ। ମାତ୍ର ପରେଶ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିବାବେଳେ ରାତି ପ୍ରାୟ ୧୦ଟାରେ କଟିକଟା ନାୟକସାହି ଛକଠାରେ ଗୁରୁତର ଅବସ୍ଥାରେ ପଡିଥିବା ପରିବାର ଲୋକେ ଖବର ପାଇଥିଲେ। ତାଙ୍କର ଯଦି ଦୁର୍ଘଟଣା ହୋଇଥିଲା ତେବେ ତାଙ୍କୁ ସାଙ୍ଗରେ ନେଇଥିବା ଯୁବକଙ୍କର କିଛି ନ ହେବା ଓ ପରବର୍ତ୍ତୀ ସମୟରେ ଏ ସମ୍ପର୍କରେ ପରେଶଙ୍କ ଘରକୁ ଉକ୍ତ ଯୁବକ କୌଣସି ଖବର ନ ଦେବା ଆଦିକୁ କେନ୍ଦ୍ରକରି ପରେଶଙ୍କ ପରିବାର ଲୋକେ ୩ମାସ ତଳେ ଉକ୍ତ ଯୁବକଙ୍କୁ ଦାୟୀ କରି ମଙ୍ଗଳପୁର ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ୍ ସେତେବେଳେ ଏକ ମାମଲା (ନଂ.୩୧୩/୧୯) ରୁଜୁ କରି ଚୁପ୍ ବସିଯାଇଥିଲା। ତେବେ ଶୁକ୍ରବାର ପରେଶଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ପରେଶ ଦଳିତ ବର୍ଗର ହୋଇଥିବାବେଳେ ତାଙ୍କର କୌଣସି ଜମିବାଡ଼ି ନାହିଁ । ପରେଶ ଗୋଟିଏ ପୁଅ ହୋଇଥିବାବେଳେ ତାଙ୍କର ୩ଟି ନାବାଳକ ସନ୍ତାନ ଅଛନ୍ତି। କୌଣସି ଜମିବାଡ଼ି ନ ଥିବାରୁ ବହୁ କଷ୍ଟରେ ପରିବାର ଚଳେ। ତାଙ୍କର ଏଭଳି ବିୟୋଗ ପରେ ପରିବାର ଲୋକେ ବେସାହାରା ହୋଇପଡ଼ିଛନ୍ତି। ମୃତଦେହ ବ୍ୟବଚ୍ଛେ ରିପୋର୍ଟ ଆସିବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ସିଂହପୁର,୧୪।୧୨(ଡିଏନଏ)**

ସିଂହପୁର ନିକଟବର୍ତ୍ତୀ ଏରଡଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କୁମର ଚରଣ ପଲେଇଙ୍କର ଶୁକ୍ରବାର ରାତିରେ କଟକ ବଡ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ୧୯୯୨ ଓ ୨୦୦୨ ମସିହାରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେ ସରପଞ୍ଚ ଥିବା ସମୟରେ ପଞ୍ଚାୟତରେ ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା। କୁସୁମୀ ଜନକଲ୍ୟାଣ ହାଇସ୍କୁଲର ପ୍ରତିଷ୍ଠାରେ ତାଙ୍କର ମୁଖ୍ୟ ଭୂମିକା ଥିଲା। ସ୍ୱର୍ଗତ ପଲେଇ ଜଣେ ସ୍ନେହୀ ତଥା ପରୋପକାର ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ପରଲୋକରେ ଆଳି ଧୋୟାଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ପଞ୍ଚାୟତ ପରିକ୍ରମାରେ ଏରଡଙ୍ଗ ସରପଞ୍ଚ ପୁରୁଷୋତ୍ତମ ପଲାଇ, ପୂର୍ବତନ ସରପଞ୍ଚ ସୁକାନ୍ତି ପଲେଇ, ସୁରେଶ ଚନ୍ଦ୍ର ଜେନା, ନିଖିଳ ସାମଲ, ଶିବ ପ୍ରସଦ ବେହେରା, ପ୍ରଦୀପ ଖିଲାର, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଶରତ ନାୟକ, ସମିତି ସଭ୍ୟ ସୁନୀଲ ଦାସଙ୍କ ସମେତ ବହୁ ବ୍ୟକ୍ତି ସାମିଲ ହୋଇଥିଲେ।

## ଆଜିଠୁ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ ପ୍ରତିଯୋଗିତା

**ଛତିଆ,୧୪।୧୨(ଡିଏନ୍‌ଏ**

ଯାଜପୁର ଜିଲା ପ୍ରଶାସନ ଓ ଯାଜପୁର ଶିକ୍ଷାଧିକାରୀ କାର୍ଯ୍ୟାଳୟ ତରଫରୁ ଛତିଆସ୍ଥିତ ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ଖେଳ ପଡିଆରେ ୧୫ ତାରିଖ ରବିବାରଠାରୁ ୬୫ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୭ବର୍ଷରୁ କମ୍ ଏହି ହ୍ୟାଣ୍ଡବଲ ପ୍ରତିଯୋଗିତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଉକ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ପାଇଁ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥି ମୁଖ୍ୟ ଅତିଥି ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତତ୍‌ସହିତ ବଡଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକ୍, ଜିଲା କ୍ରୀଡା ସଂସ୍କୃତି ବିଭାଗ ଅଧ୍ୟକ୍ଷ ଅରବିନ୍ଦ ସାମଲ, ଶାରୀରିକ ଶିକ୍ଷା ବିଭାଗର ଭାରପ୍ରାପ୍ତ ସହନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ଦେଇ, ବଡଚଣା ଶିକ୍ଷାଧିକାରିଣୀ ସସ୍ମିତା ସାହୁ, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଦାସ, ଛତିଆ ସରପଞ୍ଚ ନୟନା ବେହେରା ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ନେଇ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି।

## କୋରେଇ ବ୍ଲକ ଓଷ୍ଟା ପକ୍ଷରୁ ଶିଶୁ ମହୋତ୍ସବ

**କୋରେଇ,୧୪।୧୨(ସ୍ୱ.ପ୍ର)**

କୋରେଇ ବ୍ଲକ ସଷ୍ଟା ପକ୍ଷରୁ ଶିଶୁ ମହୋତ୍ସବ-୨୦୧୯ ପାଣିକୋଇଲିସ୍ଥିତ ମା' ତାରିଣୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ରାୟ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ପାଣିକୋଇଲି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥିଭାବେ ସମିତିସଭ୍ୟ ସେକ୍ ଜହର ଅଲ୍ଲୀ, ରବିନାରାୟଣ ପଣ୍ଡା, ସନ୍ତୋଷ କୁମାର ବେହେରା, କୋରେଇ ବ୍ଲକ ଓଷ୍ଟା ସମ୍ପାଦକ ସରୋଜ କୁମାର ରାଉତ, ସଭ୍ୟ ପ୍ରତାପ ଚନ୍ଦ୍ର ପହୀ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଶିଶୁ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ତର୍କ, ଚିତ୍ରାଙ୍କନ, ରଚନା, ଗଳ୍ପ ଲିଖନ, କଣ୍ଠ ସଙ୍ଗୀତ, ଏକକ ଅଭିନୟ, ଏକକ ନୃତ୍ୟ ଆଦି ବିବିଧ ପ୍ରତିଯୋଗିତା କରାଯାଇଥିଲା । ବିଭିନ୍ନ ହାଇସ୍କୁଲର ପ୍ରତିଯୋଗୀଙ୍କ ମଧ୍ୟରୁ ୧ମ, ୨ୟ, ୩ୟସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଜିଲାସ୍ତରକୁ ପଠାଯିବ। ଏହି ପ୍ରତିଯୋଗିତାକୁ ଭୋଳାନାଥ ସାହୁ, ପ୍ରଫୁଲ୍ଲ ବେହେରା, ଅବଦୁଲ ସୟଦ ଖାଁ, ପ୍ରଫୁଲ୍ଲ ଦାସ, ବଟକୃଷ୍ଣ ବିଶ୍ୱାଳ, ଯଦମଣି ସାହୁ, ତାରିଣୀ ପ୍ରସାଦ ରାୟ, ସୋନାଲି ପଣ୍ଡା, ସ୍ୱପ୍ନା ଦାସ, ସୁଧାକର ଭାରତୀ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ୧ମ, ୨ୟ, ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

## ଡ୍ରେନ୍‌ରେ ପଡ଼ିନି ସ୍ଲାବ୍, ବଢ଼ୁଛି ଦୁର୍ଘଟଣା

**ଯାଜପୁର ଟାଉନ,୧୪।୧୨(ଡିଏନଏ)**

**୧୫୦ବର୍ଷର ଯାଜପୁର ସହର**

■ସ୍ଲାବ୍ ପାଇଁ ବି ଅର୍ଥ ଉଠାଇ ନେଇଛନ୍ତି ଠିକାଦାର

■ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

■ଅଧିକାଂଶ ୱାର୍ଡକୁ ଯାଉନାହାନ୍ତି ସଫେଇ କର୍ମଚାରୀ

ସର୍ବ ପୁରାତନ ସହର ଭାବେ ଯାଜପୁର ସହର ୧୫୦ବର୍ଷ ପୂର୍ତ୍ତି ପାଳନ କରଛି। ତେବେ ଏହି ସହରର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଏହି ପୌରପାଳିକାରେ କୋଟିକୋଟି ଟଙ୍କା ବ୍ୟୟରେ ବିଭିନ୍ନ ୱାର୍ଡରେ ଡ୍ରେନେଜ୍ କାର୍ଯ୍ୟ କରାଯାଇଛି। ମାତ୍ର ଅନେକ ସ୍ଥାନରେ ଏହି ଡ୍ରେନ୍ ଉପରେ ସ୍ଲାବ୍ ପଡ଼ି ନ ଥିବାରୁ ଦୁର୍ଘଟଣା ଘଟିବାରେ ଲାଗିଛି। ଯାଜପୁର ସହରର ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଯେଉଁ ଡ୍ରେନ୍ ନିର୍ମାଣ କରାଯାଇଛି ତାହା ଉପରେ ସ୍ଲାପ ପଡି ନ ଥିବାରୁ ଅନେକ ଛାତ୍ରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେବେ ଡ୍ରେନେଜ୍ କାର୍ଯ୍ୟ ସହ ସ୍ଲାବ୍ ପକାଯିବାର ଅର୍ଥ ମଧ୍ୟ ଠିକାଦାରମାନେ ଉଠାଇ ନେଇଥିବା ଶୁଣିବାକୁ ମିଳୁଛି। ସହରର ବିଭିନ୍ନ ରାସ୍ତା କଡରେ କୁଢ କୁଢ ଅଳିଆ ଜମା ହୋଇ ରହୁଥିଲେ ମଧ୍ୟ ପୌରପାଳିକା ପକ୍ଷରୁ ସେଗୁଡିକ ଠିକ୍‌ଭାବେ ସଫା କରାଯାଉ ନାହିଁ। ପୂର୍ବରୁ ଯାଜପୁର ମ୍ୟୁନିସିପାଲଟିରେ ଥିବା ୧୮ଟି ୱାର୍ଡରେ ସଫେଇ କାର୍ଯ୍ୟ ଠିକ୍‌ଠାକ୍ କରାଯାଉଥିଲା। ସେତେବେଳେ ଆବଶ୍ୟକ କର୍ମଚାରୀ ନ ଥିଲେ ମଧ୍ୟ ସହରର ବିଭିନ୍ନ ରାସ୍ତାଘାଟ ସଫାସୁତୁରା ରହୁଥିଲା। କିନ୍ତୁ ଏବେ ପୂର୍ବ ତୁଳନାରେ ସଫେଇ କର୍ମଚାରୀଙ୍କ ସଂଖ୍ୟା ବହୁ ଅଧିକ ଥିଲେ ମଧ୍ୟ ଅଧିକାଂଶ ୱାର୍ଡକୁ ସଫେଇ କର୍ମଚାରୀମାନେ ନିୟମିତ ଭାବେ ଯାଉନାହାନ୍ତି। ଏପରିକି, ଗୋଟିଏ ଗୋଟିଏ ୱାର୍ଡକୁ ସପ୍ତାହରେ ଥରେ ମାତ୍ର ସଫେଇ କର୍ମଚାରୀମାନେ ଯାଇ ସଫା କରୁଥିବା ଦେଖିବାକୁ ମିଳୁଛି। ଯାଜପୁର ସହରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ଉଦ୍ଦେଶ୍ୟ ରହିଥିଲେ ହେଁ ସହରର ବିଭିନ୍ନ ରାସ୍ତା, ଡ୍ରେନ୍ ଭିତରେ କୁଢ କୁଢ ପ୍ଲାଷ୍ଟିକ୍ ଜମା ହୋଇଛି। ଏ ସମ୍ପର୍କରେ ପୌର କର୍ତ୍ତୃପକ୍ଷଙ୍କ ନିକଟରେ ବିଭିନ୍ନ ସମୟରେ ଅଭିଯୋଗ ହେଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସେହିପରି ସହରର ବିଭିନ୍ନ ସ୍ଥାନରେ ଥିବା ଡ୍ରେନେଜ୍‌ଗୁଡିକ ଅଳିଆ ପଡି ପୋତି ହୋଇଗଲାଣି। ଯଦ୍ୱାରା ନର୍ଦ୍ଦମା ଜଳ ନିଷ୍କାସନ ହେବାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ଡ୍ରେନେଜ୍‌ଗୁଡ଼ିକୁ ଠିକ୍‌ଭାବେ ସଫା କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ନର୍ଦ୍ଦମା ଜଳ ନିଷ୍କାସନ ପାଇଁ ଯାଜପୁର ସହରର ବିଭିନ୍ନ ସ୍ଥାନରେ ଡ୍ରେନ୍ ନିର୍ମାଣ କରାଯାଇଛି। ଅଧିକାଂଶ ଲୋକଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ନିଜ ଘରଠାରୁ ଆରମ୍ଭ କରି ଦୋକାନରୁ ବାହାରୁଥିବା ଅଳିଆଗୁଡିକ ଲୋକେ ଡ୍ରେନ୍‌ରେ ପକାଉଛନ୍ତି। ଫଳରେ ଖୁବ୍ କମ୍ ଦିନ ମଧ୍ୟରେ ଡ୍ରେନ୍‌ଗୁଡିକ ଭର୍ତ୍ତି ହୋଇଯାଉଛି। ସେହିପରି ସହର ଭିତରେ ଥିବା ପ୍ରାୟ ସବୁ ଡ୍ରେନ୍‌ରେ ଲୋକଙ୍କ ପାଇଖାନା ଟାଙ୍କିର ପାଇପ୍ ସଂଯୋଗ କରାଯାଇଥିବାରୁ ଅଧିକାଂଶ ସମୟରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଅଧିକାଂଶ ଲୋକ ସେମାନଙ୍କ ପାଇଖାନା ଟାଙ୍କିର ପାଇପ୍‌କୁ ମ୍ୟୁନିସିପାଲଟି ଡ୍ରେନ୍‌ରେ ଛାଡିଛନ୍ତି। ଅନ୍ୟପକ୍ଷରେ ଯାଜପୁର ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମଶା ବଂଶ ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଛି। ଯାଜପୁର ପୌର ପାଳିକା ପକ୍ଷରୁ ମଶା ତେଲ ମଧ୍ୟ ପକାଯାଉ ନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ପୌର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରେ, ଯାଜପୁର ସହରର ଲୋକସଂଖ୍ୟା ଇତି ମଧ୍ୟରେ ଯଥେଷ୍ଟ ବୃଦ୍ଧି ଘଟିଛି। ସଫେଇ କର୍ମଚାରୀଙ୍କ ସଂଖ୍ୟା ସେହି ଅନୁସାରେ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଆଗାମୀ ଦିନରେ ସଫେଇ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ତହସିଲ ପକ୍ଷରୁ ଚଢ଼ାଉ : ଗୋଟିଏ ଟିପ୍ପର ଜବତ

ଧର୍ମଶାଳା,୧୪।୧୨(ଡି.ଏନ୍.ଏ.): ଧର୍ମଶାଳା ତହସିଲ ପକ୍ଷରୁ ଶନିବାର ଅତିରିକ୍ତ ତହସିଲଦାର ୫୩ନଂ ଜାତୀୟ ରାଜପଥରେ ତନଖି କରିଥିଲେ। ୫୩ନଂ ଜାତୀୟ ରାଜପଥ ଚଣ୍ଡିଖୋଲଠାରୁ ଆରୁହା ମଧରେ କଳାପଥର ପରିବହନ କରୁଥବା ଗାଡ଼ିଗୁଡ଼ିକୁ ତନଖି କରି ବେଆଇନ ଭାବେ ପରିବହନ କରୁଥିବା ଏକ ଟିପ୍ପରକୁ ଜବତ କରିଥିଲେ। ଜବତ ଗାଡ଼ିକୁ ଚଣ୍ଡିଖୋଲ ଫାଣ୍ଡିରେ ଅଟକ ରଖାଯାଇଛି। ଧର୍ମଶାଳା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି, କାଏମା ଆରଆଇ ବିରଞ୍ଚି ବୋଇତେଇ, ଆରୁହା ଆର୍‌ଆଇ ଜଗବନ୍ଧୁ ଜେନା,ଏପିଆର ଫୋର୍ସ ଚଢ଼ାଉରେ ସାମିଲ ହୋଇଥିଲେ।

### ଗାଡ଼ି ଧକ୍କାରେ ୨ଯୁବକ ଆହତ

ଧର୍ମଶାଳା,୧୪।୧୨(ଡି.ଏନ୍.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ନେଉଳପୁର ନିକଟରେ ୨ଜଣ ବାଇକ ଆରୋହୀ ଯୁବକ ଗୁରୁତର ଆହତ ହୋଇଛନ୍ତି। ୧୬ ନଂ ଜାତୀୟ ରାଜପଥ ନିର୍ମାଣ କରୁଥିବା ଡି.ବି.ଏଲ କମ୍ପାନୀର କର୍ମଚାରୀ ବିପିନ କୁମାର ସିଂ(୩୦), ରାଜ କୁମାର (୨୬) ଶନିବାର ମଧାହ୍ନରେ ଏକ ମୋଟର ସାଇକେଲରେ ଚଣ୍ଡିଖୋଲସ୍ଥିତ କ୍ୟାମ୍ପକୁ ଯାଉଥିବାବେଳେ ବେଳେ ନେଉଳପୁର ନିକଟରେ ଏକ ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଆହତ ଯୁବକଙ୍କୁ ସ୍ଥାନୀୟ ଲୋକେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସାପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

### ୩ଦିନ ପରେ ଘରକୁ ଫେରିଲେ ନିଖୋଜ ବାଳକ

ରସୁଲପୁର,୧୪।୧୨(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଭଗବାନପୁର ଗ୍ରାମର ପିତାମ୍ବର ରାୟଙ୍କ ପୁଅ ସତ୍ୟବ୍ରତ(୧୨) ବୁଧବାର ଘରୁ ନିଖୋଜ ହୋଇଯାଇଥିଲେ। ବହୁ ଖୋଜୋଖୋଜି ପରେ ତାଙ୍କୁ ଭୁବନେଶ୍ୱରରୁ ଜନୈକ ସମ୍ପର୍କୀୟଙ୍କ ଦ୍ୱାରା ଉଦ୍ଧାର କରାଯାଇଥିଲା। ଶନିବାର ସକାଳେ ନାବାଳକ ଜଣକ ସୁରକ୍ଷିତ ଅବସ୍ଥାରେ ଘରକୁ ଫେରି ଆସିଛନ୍ତି। ପୁଅକୁ ପାଇ ପରିବାରରେ ଖୁସିର ଲହରୀ ଖେଳି ଯାଇଛି।

### ବରିଷ୍ଠ ଶିକ୍ଷାବିତ୍‌ଙ୍କ ବିୟୋଗରେ ଶୋକ

ବିଞ୍ଝାରପୁର,୧୪।୧୨(ଡି.ଏନ.ଏ): ବିଞ୍ଝାରପୁର ବ୍ଲକ ସୟଦପୁର ଗ୍ରାପ ପଠାନମହଲାର ବରିଷ୍ଠ ଶିକ୍ଷାବିତ୍ ଶେଖ୍ ଅବୁବକର ଖାନ(୮୫)ଙ୍କ ଶୁକ୍ରବାର ବିୟୋଗ ହୋଇଛି। ସ୍ୱର୍ଗତ ଖାନ କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷାଦାନ କରି ୧୯୯୪ରେ ଅବସର ଗ୍ରହଣ କରିଥିଲେ। ପରେ ଜାତୀୟ କଂଗ୍ରେସରେ ଯୋଗଦେଇ ବ୍ଲକ ସମ୍ପାଦକ ପଦବୀରେ ଦୀର୍ଘଦିନ କାର୍ଯ୍ୟ କରିଥିଲେ। ସ୍ୱର୍ଗତ ଖାନ୍ କିଛିଦିନ ପୂର୍ବରୁ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ପୂରାତନ ଛାତ୍ରୀଛାତ୍ର ମହଲରେ ଶୋକର ଛାୟା ଖେଳିଯାଇଛି। ବ୍ଲକ କଂଗ୍ରେସ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରାଯାଇଛି।

### ବରୁଣେଶ୍ୱର ମେଳା ପାଇଁ ଅବଗଣନା ଆରମ୍ଭ
### ୧୮ରେ ବସିବ ପ୍ରସ୍ତୁତି ବୈଠକ

ବିଞ୍ଝାରପୁର,୧୪।୧୨(ଡି.ଏନ୍.ଏ)- ଓଡ଼ିଶାର ପ୍ରସିଦ୍ଧ ତଥା ପ୍ରାଚୀନ ବରୁଣେଶ୍ୱର ମେଳା ପ୍ରତିବର୍ଷପରି ଯାଜପୁର ଜିଲାର ଅନ୍ୟତମ ଶୈବପୀଠ ଅରେଇସ୍ଥିତ ବରୁଣେଶ୍ୱର କ୍ଷେତ୍ରରେ ଏଥର ଜାନୁୟାରୀ ୧୫ତାରିଖରୁ ଆରମ୍ଭ ହୋଇ ୨୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଳାକୁ ଆଉ ମାସେ ଥିବାବେଳେ ଏବେଠାରୁ ଅଞ୍ଚଳବାସୀଙ୍କ ମଧରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଲାଣି। ଏଥର ମେଳାକୁ କିପରି ସରସ ସୁନ୍ଦର ଓ ଶୃଙ୍ଖଳିତ ଭାବେ କରାଯାଇପାରିବ ସେଥିପାଇଁ ଆସନ୍ତା ୧୮ତାରିଖରେ ଏକ ପ୍ରସ୍ତୁତି ବୈଠକ ବରୁଣେଶ୍ୱର କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହେବ। ଏହି ବୈଠକରେ ପ୍ରଶାସନର ସବୁ ବିଭାଗର କର୍ମକର୍ତ୍ତାଙ୍କ ସମେତ ମେଳା ପରିଚାଳନା କମିଟିର ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ମେଳାର ସୁପରିଚାଳନା ପାଇଁ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିବେ ବୋଲି ଜଣାପଡିଛି।

## ଧାନ ସଂଗ୍ରହରେ ଅବହେଳା
# ପଞ୍ଜୀକରଣରୁ ବଞ୍ଚିତ ୧୫୦୦ ଚାଷୀ

ଯାଜପୁର ଅଫିସ,୧୪।୧୨

ଯାଜପୁର ଜିଲା ଧାନ ସଂଗ୍ରହରେ ପୁଣି ବିଭାଗୀୟ ଅବହେଳା ପଦାରେ ପଡ଼ିଛି। ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) ସମ୍ପାଦକଙ୍କ ଆନ୍ତରିକତାର ଅଭାବ ଓ ଅବହେଳା ଯୋଗୁ ଜିଲାର ପ୍ରାୟ ୧୫୦୦ଚାଷୀ ଧାନ ସଂଗ୍ରହ ବ୍ୟବସ୍ଥାରୁ ବାଦ ପଡ଼ିଛନ୍ତି। ୨୨।୯।୨୦୧୯ରେ ଅନ୍‌ଲାଇନରେ ଚାଷୀ ପଞ୍ଜୀକରଣର ସମୟ ଅବଧି ରଖାଯାଇଥିଲା। ଏହା ପୂର୍ବରୁ ୨ଟି ଅବଧି ସୀମା ବୃଦ୍ଧି କରାଯାଇଥିବା ସତ୍ତ୍ୱେ ଜିଲାର ସମସ୍ତ ଚାଷୀ ପଞ୍ଜୀକରଣରୁ ବାଦ ପଡ଼ିଛନ୍ତି। ଯେଉଁମାନେ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି ସେମାନେ କଷ୍ଟୋପାର୍ଜିତ ଧାନକୁ ସରକାରଙ୍କ ଧାର୍ଯ୍ୟ ଦରରେ ବିକ୍ରି କରି ପାରିବେ ନାହିଁ। ଯାହାକି ଚାଷୀକୂଳକୁ ବ୍ୟଥିତ କରିଛି। ଏହାବାଦ ଜିଲା ପ୍ରଶାସନ ପକ୍ଷରୁ ଗତ ୨୮ତାରିଖରୁ ଧାନ କିଣିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ କାଁଭାଁ ସ୍ଥାନକୁ ଛଡ଼ିଲେ ଅନେକ ସ୍ଥାନରେ ଏପର୍ଯ୍ୟନ୍ତ ଧାନ କିଣା ଆରମ୍ଭ ହୋଇ ନ ଥିବା ସୂଚନା ମିଳିଛି। ଫଳରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ କମ୍ ମୂଲ୍ୟରେ ଦଲାଲମାନଙ୍କ ପାଖରେ ଧାନ ବିକ୍ରି କରୁଥିବା ଦେଖିବାକୁ ମିଳିଛି।



ଜିଲାରେ ଖରିଫ ବର୍ଷ ୨୦୧୯-୨୦ ର ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାର ୧,୧୧,୦୬୧ ହେକ୍ଟର ଜମିରେ ଧାନ ଚାଷ କରାଯାଇ ମୋଟ ୨,୭୪,୧୮୬ ମେଟ୍ରିକ ଟନ୍(ଏମ୍‌ଟି) ଧାନ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ସେଥିରୁ ୮୦,୧୪୭.୦୫୮ ମେଟ୍ରିକ ଟନ୍ ଧାନ ସଂଗ୍ରହର ଲକ୍ଷ୍ୟ ରହିଥିବାବେଳେ ୫୪,୫୦୦ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ କରାଯିବ। ଏଥିରେ ୧୨୨ରୁ ୧୨୧ପ୍ୟାକ୍ସ ଅଂଶ ଗ୍ରହଣ କରିଛନ୍ତି। ଚଳିତ

- ଯାଜପୁର, ଦଶରଥପୁର ବ୍ଲକର ସର୍ବାଧିକ ଚାଷୀ
- ୧୪ ପ୍ୟାକ୍ସରେ ଅବହେଳା, ଚାଷୀ ଭୋଗିବେ ଦୁର୍ଦ୍ଦଶା
- ଭାଗ ନେଉନାହିଁ ଏଫ୍‌ସିଆଇ

ବର୍ଷ ୩୨,୪୬୪ ଜଣ ଚାଷୀ ଧାନ ବିକ୍ରି କରିବାକୁ ଅନ୍‌ଲାଇନରେ ପଞ୍ଜିକୃତ କରିଛନ୍ତି। ହେଲେ ୧୪ଟି ପ୍ୟାକ୍ସର ପ୍ରାୟ ୧୫୦୦ ଚାଷୀ ପଞ୍ଜୀକରଣରୁ ବାଦ ପଡ଼ିଛନ୍ତି। ଏଥିରେ ଯାଜପୁର ବ୍ଲକ ବେରୁଦା ଏବଂ ଦଶରଥପୁର ବ୍ଲକ ତଳିହା, ଅପରପଡ଼ା ଓ ପାଲଟପୁର ପ୍ୟାକ୍ସର ଅଧିକାଂଶ ଚାଷୀ ରହିଛନ୍ତି। ଧାନ ଅମଳ କରିବା ପରେ ପଞ୍ଜୀକରଣରୁ ବଞ୍ଚିତ ଏହି ଚାଷୀମାନେ ପ୍ୟାକ୍ସରେ ଆଉ ଧାନ ବିକ୍ରି କରି ପାରିବେ ନାହିଁ। ଫଳରେ ସରକାରଙ୍କ ଧାର୍ଯ୍ୟ ଦର ପାଇବାରୁ ସେମାନେ ବଞ୍ଚିତ ହେବା ନିଶ୍ଚିତ ହୋଇଛି। ପଞ୍ଜୀକରଣ ଦାୟିତ୍ୱରେ ଥିବା ସମ୍ପୃକ୍ତ ପ୍ୟାକ୍ସର ସମ୍ପାଦକଙ୍କ ଅବହେଳା ଯୋଗୁ ଏଭଳି ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏହା ପ୍ରମାଣିତ ହୋଇ ସାରିଥିଲେ ହେଁ ଏଯାଏ ସମ୍ପୃକ୍ତ ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନ ଥିବା ସୂଚନା ମିଳିଛି।

ଅନ୍ୟପକ୍ଷେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଯାଇଥିଲେ ବି କେହି ଚାଷୀମାନଙ୍କ ପ୍ରତି ଦରଦ ମନୋଭାବ ଦେଖାଉ ନାହାନ୍ତି। ସମ୍ପୃକ୍ତ ପ୍ୟାକ୍ସ ସମ୍ପାଦକମାନେ ନେଟ୍ ସାଇଡ ସମସ୍ୟା, ସର୍ଭର ଡାଉନ ଆଦି ଯୋଗୁ ନିର୍ଦ୍ଧାରିତ ସମୟରେ ଚାଷୀ ପଞ୍ଜୀକରଣ ସମ୍ପନ୍ନ ହୋଇ ପାରି ନ ଥିବା ଦର୍ଶାଉଛନ୍ତି। ଏଭଳି ସ୍ଥିତିରେ ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ଚାଷୀ କୁଇଣ୍ଟାଲ ପ୍ରତି ୫୦୦ରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତିରେ ପଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି। ଏହା ଏକପ୍ରକାର ଦଲାଲଙ୍କୁ ସୁହାଉଥିବାବେଳେ ଚାଷୀକୂଳଙ୍କ ପାଇଁ ସର୍ବନାଶ ହେଉଛି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ପ୍ୟାକ୍ସ ଜରିଆରେ ୧୨ଟି ମିଲର୍ସ ଧାନ କିଣାରେ ଅଂଶ ଗ୍ରହଣ କରୁଛନ୍ତି। କିନ୍ତୁ ଯାଜପୁର ଜିଲାରେ ଅନ୍ୟ ଜିଲା ଭଳି କେନ୍ଦ୍ର ସରକାରଙ୍କ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଧାନ କିଣାରେ କେବେ ଭାଗ ନେଉ ନାହାନ୍ତି। ଏହି ଜିଲାରେ ପ୍ରାଥମିକ ସମବାୟ ସମିତି ଧାନ ସଂଗ୍ରହ କରୁଥିଲେ ହେଁ ଏହା ମୁଖ୍ୟତଃ ଯୋଗାଣ ନିଗମ ଉପରେ ନିର୍ଭରଶୀଳ ହୋଇପଡ଼ିଛି। ଏସଂକ୍ରାନ୍ତରେ ଏଆର୍‌ସିଏସ୍ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି ଧାନ କିଣା ପ୍ରକ୍ରିୟାରେ ପଞ୍ଜୀକରଣରୁ ବଞ୍ଚିତ ଚାଷୀଙ୍କ ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପତ୍ର ଲେଖାଯାଇଛି। ସେଠାରୁ ପରବର୍ତ୍ତି ନିର୍ଦ୍ଦେଶ ମିଳିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

### ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

ରସୁଲପୁର,୧୪।୧୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଉଚ୍ଚ ମାଧମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଭାରପ୍ରାପ୍ତ ଅଧକ୍ଷ ସୁଦର୍ଶନ ପୃଷ୍ଟି ପ୍ରଦୀପ ପ୍ରଜ୍ୱଳନକରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ବ୍ରହ୍ମବରଦା ଡିଗ୍ରୀ କଲେଜର ଅଧକ୍ଷ ମହେଶ୍ୱର ପାଢୀ, ଅଧାପକ ଶିଶୀଭୂଷଣ ମହାନ୍ତି, ଅଧାପକ ଉଲ୍ଲାସ କୁମାର ବିଶ୍ୱାଳ, ପ୍ରଶାନ୍ତ କୁମାର ସାହୁ, ରଶ୍ମିତା ସାମଲ, ବନଲତା ଲେଙ୍କା, ସେକ୍ ନିଜାମଉଦ୍ଦିନ ପ୍ରମୁଖ ଯୋଗଦେଇ ବାଳିକାମାନେ ଦୃଢମନା ହେବା ସହ ଆତ୍ମରକ୍ଷା କୌଶଳକୁ ବିନିଯୋଗ କରି ନିଜକୁ ସୁରକ୍ଷିତ ରଖିବା ପାଇଁ ମତ ରଖିଥିଲେ। ଏହି ଶିବିରରୁ ପ୍ରଶିକ୍ଷଣ ନେଇ ବାଳିକାଙ୍କ ଉପରେ ରହିଥିବା ଅବଳା ଦୁର୍ବଳା ଧାରଣାକୁ ଦୂର କରିବାକୁ ପରାମର୍ଶ ଦେଇଥିଲେ। ଶିବିରରେ ଯମୁନା ସାହୁ ଓ ଜ୍ୟୋତ୍ସ୍ନା ନନ୍ଦ ପ୍ରମୁଖ ସମ୍ବଳ ଅଧିକାରୀ ଭାବରେ ଯୋଗଦେଇ ବାଳିକାଙ୍କୁ ତାଲିମ ପ୍ରଦାନ କରିଥିଲେ। ଉକ୍ତ ଶିବିରରେ ଶତାଧିକ ବାଳିକା ଯୋଗଦେଇ ଆତ୍ମରକ୍ଷା ଜ୍ଞାନ କୌଶଳକୁ ନେଇ ପ୍ରଶିକ୍ଷଣ ନେଇଥିଲେ।

## ଏଆଇୟୁଟିୟୁସିର ୫ମ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟିତ
# ଶ୍ରମମାରଣ ନୀତି ବିରୋଧରେ ଆନ୍ଦୋଳନ ନିଷ୍ପତ୍ତି

ଯାଜପୁର ଅଫିସ,୧୪।୧୨

କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସିର (ଅଲ ଇଣ୍ଡିଆ ୟୁନାଇଟେଡ ଟ୍ରେଡ ୟୁନିୟନ ସେଣ୍ଟର) ଦୁଇଦିନିଆ ୫ମ ଓଡିଶା ରାଜ୍ୟ ସମ୍ମିଳନୀ ଯାଜପୁରରୋଡ ନନ୍ଦରାମ ବାଟିକାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କେନ୍ଦ୍ରର ଭାଜପା ସରକାରଙ୍କ ଶ୍ରମମାରଣ ନୀତି ବିରୋଧରେ ମିଳିତ ଶ୍ରମିକ ଆନ୍ଦୋଳନ କରିବାକୁ ମତପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ଜାନୁୟାରୀ ୮ତାରିଖରେ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ସମ୍ମିଳନୀ ପ୍ରାରମ୍ଭରେ ଏଆଇୟୁଟିୟୁସିର ରକ୍ତ ପତାକା ଉତ୍ତୋଳନ ଏବଂ ଶ୍ରମିକ ଆନ୍ଦୋଳନରେ ଅଂଶଗ୍ରହଣ କରି ମୃତ୍ୟୁବରଣ କରିଥିବା ଶହୀଦମାନଙ୍କ ସ୍ମୃତିରେ ନିର୍ମିତ ଶହୀଦବେଦୀରେ ଆମନ୍ତ୍ରିତ ଅତିଥି ଓ ସଂଗଠନର ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ। ଏଆଇୟୁଟିୟୁସିର ରାଜ୍ୟ ସଭାପତି ଶମ୍ଭୁନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ଗୋବର୍ଦ୍ଧନ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହ ସ୍ୱାଧୀନତା ଆନ୍ଦୋଳନରେ ଶ୍ରମିକମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀରେ ଏଆଇୟୁଟିୟୁସିର ଯାଜପୁର ଜିଲା ସମ୍ପାଦକ ମଧୁସୂଦନ ଜେନା, ସିଆଇଟିୟୁର ରାଜ୍ୟ ସମ୍ପାଦକ ଉଲ୍ଲାସ ସ୍ୱାଇଁ, ଏଆଇସିସିଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ ମିଳିତ ଶ୍ରମିକ ଆନ୍ଦୋଳନ କରିବାକୁ ମତପ୍ରକାଶ କରିଥିଲେ। ଏଥିରେ ଏଆଇୟୁଟିୟୁସିର ସର୍ବଭାରତୀୟ ସମ୍ପାଦକ ମଣ୍ଡଳି ସଭ୍ୟ ଶଙ୍କର ଦାଶ ବକ୍ତବ୍ୟ ଦେଇ ଭାରତବର୍ଷରେ ଶ୍ରମିକ ଆନ୍ଦୋଳନର ଇତିହାସ ଏବଂ ବର୍ତ୍ତମାନ ସମୟରେ ଶ୍ରମିକ ଆନ୍ଦୋଳନର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍‌ଆଇଏନ୍‌ଏଲ୍)ର ଘରୋଇକରଣ ବନ୍ଦ କରିବା ଦାବିରେ ଅନ୍ୟ ଏକ ପ୍ରସ୍ତାବ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ମଣ୍ଡଳି ସଭ୍ୟ ସୁରେଶ ପ୍ରଧାନ ଆଗତ କରିଥିଲେ। ପ୍ରସ୍ତାବ ୨ଟିକୁ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା।


ଏଆଇୟୁଟିୟୁସିର ରାଜ୍ୟ ସମ୍ମିଳନୀରେ ଯୋଗଦେଇଥିବା ବ୍ୟକ୍ତିବିଶେଷ।

**ଏନ୍‌ଆଇଏନ୍‌ଏଲ୍ ଘରୋଇକରଣକୁ ବିରୋଧ**

### ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ-୨୦୧୯

ରସୁଲପୁର,୧୪।୧୨(ଡି.ଏନ୍.ଏ)

ଆଜିର ଶିଶୁ କାଲିର ଭବିଷ୍ୟତ। କୋମଳମତି ଛାତ୍ରୀଛାତ୍ରଙ୍କ ଭିତରେ ବହୁ ସମ୍ଭାବନା ନିହିତ ହୋଇରହିଛି। ଉକ୍ତ ସମ୍ଭାବାନକୁ ବାସ୍ତବରେ ପରିଣତ କରିବା ସହ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରିବା ଦିଗରେ ଓଡ଼ିଶା ରାଜ୍ୟ ଶିକ୍ଷକସଂଘ (ଓଷ୍ଟା) ସର୍ବଦା ଚେଷ୍ଟିତ ବୋଲି ମତ ପ୍ରକାଶ ପାଇଛି। ଶନିବାର ସଂଘର ରସୁଲପୁର ବ୍ଲକ ସଭାପତି ଇନ୍ଦ୍ରମଣୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ମଣ୍ଡଳ ଶିକ୍ଷାଧିଶ ସାନ୍ତନୁ କୁମାର କର, ମୁଖ୍ୟବକ୍ତା ଭାବରେ ସୁନନ୍ଦ କୁମାର ରାଉତ, ସମ୍ମାନିତ ଅତିଥି ଭାବରେ ଶିକ୍ଷକ ନେତା ଅମୂଲ୍ୟ କୁମାର ଦାସ, ଦୁଃଶାସନ ସାହୁ, ଶିକ୍ଷାବିତ୍ ବୈରାଗୀ ଚରଣ ଘଡ଼େଇ, ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପାଣିଗ୍ରାହୀ, ନିରଞ୍ଜନ ଶତପଥି ପ୍ରମୁଖ ଯୋଗଦେଇ ଶିଶୁ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ଉତ୍ସବରେ ବ୍ଲକ ଅଞ୍ଚଳର ୩୫ଗୋଟି ଉଚ୍ଚ ବିଦ୍ୟାଳୟରୁ ୩୦୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ସଂଘ ପକ୍ଷରୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକ, ଆୟୋଜକ ବିଦ୍ୟାଳୟର କର୍ମଚାରୀ, ପରିଚାଳନା କମିଟିର ସଭ୍ୟଗଣ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

### ଟିପିଏଲ୍ ପାଇଁ ନାସିର ମନୋନୀତ

ରସୁଲପୁର, ୧୪।୧୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଅଞ୍ଚଳର କୁନି କ୍ରିକେଟିୟର ୧୦ବର୍ଷର ବାଳକ ନାସିର ଓରଫ ନାସିରୁଦ୍ଦିନ ଖାଁ ଟିନି କ୍ରିକେଟ ଲିଗ୍(ଟିପିଏଲ୍) ପାଇଁ ମନୋନୀତ ହୋଇଛନ୍ତି। କୁନିକୁନି କ୍ରିକେଟ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଭୁବନେଶ୍ୱରଠାରେ ଆୟୋଜିତ ହୋଇଆସୁଥିବା ଟିପିଏଲ୍‌ରେ ୧୨ବର୍ଷରୁ କମ୍ ପିଲାଙ୍କୁ ସୁଯୋଗ ମିଳୁଛି। ନାସିର ଏବେ ୫ମ ଶ୍ରେଣୀରେ ପଢୁଛନ୍ତି। ତାଙ୍କର କ୍ରିକେଟ ପ୍ରତି ଆଗ୍ରହ ଅତି ଛୋଟରୁ ରହି ଆସିଛି। ଏଦିଗରେ ସେ ଦୈନିକ ଅନ୍ୟୁନ ୩/୪ଘଣ୍ଟା ସମୟ ଦେଉଛନ୍ତି। ତାଙ୍କର ନିୟମିତ ଅଭ୍ୟାସ ଓ ଏହି ଖେଳ ପ୍ରତି ରହିଥିବା ଆଗ୍ରହ ପାଇଁ ସେ ଟିପିଏଲ କ୍ୟାମ୍ପରେ ଯୋଗଦେବାକୁ ସୁଯୋଗ ପାଇଛନ୍ତି।



### ଶ୍ରୀମତୀ ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ରସୁଲପୁର,୧୪।୧୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ସୁଆଁସାହି ଗ୍ରାମର ଶତାୟୁ ମହିଳା ଶ୍ରୀମତୀ ଦେବୀଙ୍କ ଦ୍ୱାଦଶାହ ଉପଲକ୍ଷେ ଶୁକ୍ରବାର ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏହି ସଭାରେ ଅତିଥିଭାବେ ଏନ୍‌ଆଇସିର ଡାଇରେକ୍ଟର ରବୀନ୍ଦ୍ର ନାରାୟଣ ବେହେରା, ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ରାୟ, ସମାଜସେବୀ ପ୍ରହଲ୍ଲାଦ ପଣ୍ଡା, ବିଶ୍ୱଜିତ ମହାନ୍ତି, ଚନ୍ଦନେଶ୍ୱର କଳାପ୍ରୋତ୍ସାହନ ପରିଷଦର ସଭାପତି କୈଳାସ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହ ଶ୍ରୀମତି ଦେବୀଙ୍କ ଗୁଣାବଳୀ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଯୋଗଚାର୍ଯ୍ୟ ପ୍ରମୋଦ କୁମାର ଦାଶ ଗୀତାପାଠ କରିଥିଲେ।

### ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ

ବିଞ୍ଝାରପୁର,୧୪।୧୨(ଡି.ଏନ୍.ଏ)

ବିଞ୍ଝାରପୁର ଶିକ୍ଷାମଣ୍ଡଳ ଅନ୍ତର୍ଗତ କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ପୂର୍ବାହ୍ନରେ ଶକ୍ତି ସଂରକ୍ଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା ଶିକ୍ଷାମଣ୍ଡଳ ଅଧିକାରିଣୀ ରେଣୁକା ଦେଈଙ୍କ ସଭାପତିତ୍ୱରେ ହୋଇଥିବାବେଳେ ମୁଖ୍ୟ ଅତିଥି ରୁପେ ଖରସ୍ରୋତା ମହାବିଦ୍ୟାଳୟର ଅଧାପକ ଶ୍ରୀକାନ୍ତ କୁମାର ନାୟକ, ମୁଖ୍ୟବକ୍ତା ରୂପେ ଶିକ୍ଷାବିତ୍ କ୍ଷୀରୋଦ କୁମାର କର ଅନ୍ୟତମ ସମ୍ମାନିତ ଅତିଥି ରୁପେ ଅଧ୍ୟାପକ ମିହିର କୁମାର ରାଉତ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଶକ୍ତି ସଂରକ୍ଷଣ ସମ୍ପର୍କରେ ମୂଲ୍ୟବାନ ତଥ୍ୟ ଓ ଉପଦେଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଏକ ଶକ୍ତି ସଂରକ୍ଷଣ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ଶକ୍ତି ଅପଚୟ ନ କରିବା ଓ କିପରି ଶକ୍ତି ସଂରକ୍ଷଣ ହୋଇପାରିବ ସେହି ସମ୍ପର୍କରେ ସଚେତନ କରିଥିଲେ। ଏହି ଉତ୍ସବରେ ଅନୁଷ୍ଠିତ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା ଯଥାକ୍ରମେ କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ର ସରେଣ୍ୟ କୁମାର ଦେବ, କପିଳାସ୍ଥିତ ଏସ.ଜି.ନୋଡାଲ ଉଚ୍ଚବିଦ୍ୟାଳୟର ଛାତ୍ରୀ ବିଶ୍ୱବିଜୟିନୀ ବେହେରା, ଫତେପୁରସ୍ଥିତ ବରୁଣେଇ ଉଚ୍ଚବିଦ୍ୟାଳୟର ସୌରଭ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠଶିକ୍ଷକ ଦେବେନ୍ଦ୍ର ଚନ୍ଦ୍ର ରାଉତ ପରିଚାଳନା କରିଥିବାବେଳ ଅତିଥି ପରିଚୟ ମୁମସାଦ ଖାଁ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଗିରୀଶକାନ୍ତ ଜେନା, ନିତୁ କମଲ, ପ୍ରିୟ ରଞ୍ଜନ ବେହେରା, ପ୍ରଫୁଲ ତ୍ରିପାଠୀ, ଭରତ ଚନ୍ଦ୍ର ସାହୁ, ଖଗେଶ୍ୱର ଜେନା, ଶୁଭଶ୍ରୀ ବେହେରା, କାଳନ୍ଦୀ ଚରଣ ବେହେରା, ନବକିଶୋର ସାହୁ, ବିଶ୍ୱନାଥ ପଣ୍ଡା, ଦମୟନ୍ତୀ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### କେଡିଏମ୍ କ୍ରିକେଟ : ଅଞ୍ଜିରା,ତାଳଜଙ୍ଗ ବିଜୟୀ

ଧର୍ମଶାଳା,୧୪।୧୨(ଡି.ଏନ୍.ଏ.)

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ମଧୁପୁରଗଡ଼ ଖେଳ ପଡ଼ିଆରେ ଅନୁଷ୍ଠିତ ୫ମ କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ୨ଗୋଟି ମ୍ୟାଚ୍‌ରେ ଅଞ୍ଜିରା ଓ ତାଳଜଙ୍ଗ ପଞ୍ଚାୟତ ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଚକ୍ରଧରପୁର ଦଳ ବ୍ୟାଟିଂ କରି ୧୫ ଓଭରରେ ୯ ୱିକେଟ ହରାଇ ୧୬୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟବ୍ରତ ନାୟକ ୬୦ ଓ କାହ୍ନୁଚରଣ ଜେନା ୨୪ ରନ୍ କରିଥିଲେ। ଜବାବରେ ଅଞ୍ଜିରା ଦଳ ବ୍ୟାଟିଂ କରି ୧୨.୧ଓଭରରେ ୪ୱିକେଟ ହରାଇ ୧୬୩ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ହୃଦାନନ୍ଦ ପରିଡା ୬୫ ଓ ଅବିନାଶ ପ୍ରଧାନ ୩୮ ରନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ପୁରୁଣା ପଉଳମାଳ ବ୍ୟାଟିଂ କରି ୧୩.୩ ଓଭରରେ ସମସ୍ତ ୱିକେଟ ହରାଇ ୧୩୧ ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ଅମ୍ବୁଜ ଦାସ ୪୩ ଓ ଇଶ୍ୱର ସାମଲ ୨୯ ରନ କରିଥିଲେ। ଜବାବରେ ତାଳଜଙ୍ଗ ଦଳ ବ୍ୟାଟିଂ କରି ୧୦.୧ ଓଭରରେ ୩ ୱିକେଟ ହରାଇ ୧୩୨ ରନ କରି ବିଜୟୀ ହୋଇଥିଲା। ଦଳପକ୍ଷରୁ ନିରଞ୍ଜନ ରାଉତ ୭୨ ଓ ଜିତେନ୍ଦ୍ର ପ୍ରଧାନ ୨୪ ରନ କରିଥିଲେ। ଉଭୟ ମ୍ୟାଚକୁ ଶୁଭ୍ରଜିତ ଦାସ, ଇନ୍ତେକାବ ଆଲମ୍ ଓ ଅବିନାଶ ସାମଲ ପରିଚାଳନା କରିଥିବାବେଳେ ସ୍କୋରରେ ବାସୁଦେବ ମିଶ୍ର ଓ ପ୍ରକାଶ ଧଳ ସହାୟତା କରିଥିଲେ। ରବିବାର ମଧୁସୁଦନପୁର ସହିତ ସାହାଣୀଡିହ ଓ ମର୍ଜିତାପୁର ସହିତ ରାଇଛନ୍ଦା ପଞ୍ଚାୟତ ମଧରେ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ଶିକ୍ଷୟିତ୍ରୀଙ୍କୁ ମାନସିକ ନିର୍ଯାତନା ଅଭିଯୋଗ
# ଥାନା, ମହିଳା କମିଶନଙ୍କ ଦ୍ୱାରସ୍ଥ

ଯାଜପୁର ଅଫିସ,୧୪।୧୨

ଯାଜପୁର ଜିଲା ସୁକିନ୍ଦା ବ୍ଲକ ମଠଛକ ମହାମାୟୀ ହାଇସ୍କୁଲର ଜନୈକା ଶିକ୍ଷୟିତ୍ରୀଙ୍କୁ ସେହି ସ୍କୁଲର ପ୍ରଧାନ ଶିକ୍ଷକ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏନେଇ ଶିକ୍ଷୟିତ୍ରୀଜଣକ ସୁକିନ୍ଦା ଥାନା ସହ ରାଜ୍ୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ହେବାପରେ ସୁକିନ୍ଦା ବ୍ଲକ ଶିକ୍ଷାଧିକାରୀ, ଅଭିଯୋଗକାରିଣୀ ଓ ପ୍ରଧାନଶିକ୍ଷକଙ୍କୁ ଡାକି ସମସ୍ୟାର ସମାଧାନ କରିବାକୁ ଥାନା ପକ୍ଷରୁ ଉଦ୍ୟମ ହୋଇଛି। ଏଥିପାଇଁ ୫ ଦିନ ମହଲତ ନିଆଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, କେତେକ ରାଜନୈତିକ ବ୍ୟକ୍ତିଙ୍କୁ ହାତବାରିସି କରି ୨୦ବର୍ଷ ହେଲା ବିନା ବଦଳିରେ ରାମଚନ୍ଦ୍ର ଖିଲାର ମହାମାୟୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରିଆସୁଛନ୍ତି। ସେ ଅଭିଯୋଗକାରିଣୀ ଶିକ୍ଷୟିତ୍ରୀଙ୍କୁ ହଇରାଣ କରିବାକୁ ସଦାସର୍ବଦା ଉଦ୍ୟମ ଜାରି ରଖିଛନ୍ତି। କୌଣସି କାରଣ ନ ଥାଇ ଛାତ୍ରୀଛାତ୍ରଙ୍କୁ ଆୟୁଧ କରି ଏଭଳି ହୀନ ଚକ୍ରାନ୍ତ ଚଳାଇଛନ୍ତି ବୋଲି ଶିକ୍ଷୟିତ୍ରୀ ଜଣକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଗୁରୁବାର ସ୍ଥାନୀୟ ଅଞ୍ଚଳର କିଛି ମହିଳା ଅଭିଭାବକ ବିଦ୍ୟାଳୟ ପରିସରକୁ ଯାଇ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧରେ ଏମିତି ବିବାଦ ଘଟିଲେ ବିଦ୍ୟାଳୟକୁ ପିଲାମାନଙ୍କୁ ନ ଛାଡିବାକୁ ଅଡ଼ିବସି ହୋ ହାଲ୍ଲା କରିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ଏକ ବୈଠକ ବସିଥିଲେ ହେଁ ଏହାର କୌଣସି ସମାଧାନର ବାଟ ବାହାରି ପାରି ନ ଥିଲା। ଫଳରେ ଏହାର ଆପୋଷ ସମାଧାନ ବୈଠକ ଶୁକ୍ରବାର ଅପରାହ୍ନରେ କରାଯିବାକୁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଶିକ୍ଷୟିତ୍ରୀଜଣକ ଶୁକ୍ରବାର ଯାଜପୁର ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ ସମେତ ମହିଳା କମିଶନରଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଏହାବାଦ କେତେକ ମହିଳା ଅଭିଭାବକ ସ୍ଥାନୀୟ ବିଧାୟକଙ୍କୁ ମଠଛକରେ ଭେଟି ଏହାର ସମାଧାନ ପାଇଁ ହସ୍ତକ୍ଷେପ ଲୋଡିଛନ୍ତି। ତେବେ ଏ ସଂକ୍ରାନ୍ତରେ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଖିଲାରଙ୍କ କୌଣସି ମତାମତ ମିଳି ପାରିନାହିଁ। ସୁକିନ୍ଦା ଥାନା ଆଇଆଇସି ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନଙ୍କୁ ପଚାରିବାରୁ ସେ କହିଛନ୍ତି ମହିଳା ଶିକ୍ଷୟିତ୍ରୀ ଜଣକ ଥାନାରେ ଅଭିଯୋଗ କରିବା ପରେ ବିଇଓଙ୍କ ଉପସ୍ଥିତିରେ ଉଭୟ ପକ୍ଷଙ୍କୁ ଡାକି ପଚରାଉଚୁରା କରାଯାଇଛି। ସମସ୍ୟାର ସମାଧାନ କରିବାକୁ ସେମାନେ ୫ଦିନ ସମୟ ନେଇଛନ୍ତି। ଯଦି କୌଣସି ସମାଧାନ ନ ହୁଏ ତେବେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଖରିନାସୀ ମତ୍ସ୍ୟ ଜେଟିରେ ଡିଜେଲ ବିକ୍ରୟ କେନ୍ଦ୍ର ବନ୍ଦ

**ମହାକାଳପଡ଼ା, ୧୪।୧୨ (ଡି.ଏନ୍.ଏ.):** ମହାକାଳପଡା ବ୍ଲକ ସ୍ଥାନୀୟ ଖରିନାସୀ ପଞ୍ଚାୟତର ଖରିନାସୀସ୍ଥିତ ମତ୍ସ୍ୟଜେଟିଠାରେ ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିଃ ତରଫରୁ ଏକ ଡିଜେଲ ବିକ୍ରୟ କେନ୍ଦ୍ର ଦୁଇବର୍ଷ ପୂର୍ବେ ଖୋଲାଯାଇଥିଲା। ଏହି ତୈଳ ବିକ୍ରୟକେନ୍ଦ୍ରରୁ ସୁବିଧାରେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଡିଜେଲ କ୍ରୟ କରି ବୋଟରେ ପକାଇ ସମୁଦ୍ରକୁ ମାଛ ମାରିବାକୁ ଯାଉଥିଲେ। ଏହି କେନ୍ଦ୍ର ଗତ ୧ ମାସ ହେବ ବନ୍ଦ ଥିବାରୁ ଖରିନାସୀ, ରାମନଗର, ଜମ୍ବୁ, ବଉଳକଣୀ ଆଦି ପଞ୍ଚାୟତର ମତ୍ସ୍ୟଜୀବୀମାନଙ୍କୁ ଖର୍ଚ୍ଚାନ୍ତ ହୋଇ ମାର୍ଶାଘାଇ , ପାରାଦୀପରୁ ଡିଜେଲ କିଣିବାକୁ ପଡୁଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଆଳି,୧୪।୧୨(ଡି.ଏନ.ଏ):** ଆଳି ବ୍ଲକ ଅନ୍ତର୍ଗତ ଏରଡଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କୁମର ଚରଣ ପଲେଇଙ୍କର ଶୁକ୍ରବାର ପରଲୋକ ଘଟିଛି। ସେ ଗତ କିଛି ଦିନ ହେବ ଅସୁସ୍ଥ ହୋଇ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ପଲେଇ ୧୯୯୨ ଓ ୨୦୦୨ ମସିହାରେ ଏରଡଙ୍ଗ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେ ସରପଞ୍ଚ ଥିବା ସମୟରେ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ପଞ୍ଚାୟତରେ ଥିବା କୁସୁମୀ ଜନକଲ୍ୟାଣ ହାଇସ୍କୁଲ ପ୍ରତିଷ୍ଠାରେ ସେ ପ୍ରମୁଖ ଭୂମିକା ନେଇଥିଲେ। ସ୍ୱର୍ଗତ ପଲାଇଙ୍କ ମରଶରୀର କୁସୁମୀସ୍ଥିତ ବାସଭବନକୁ ଆସିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଏହାପରେ ପଞ୍ଚାୟତର ସରପଞ୍ଚ ପୁରୁଷୋତ୍ତମ ପଲାଇଙ୍କ ନେତୃତ୍ୱରେ ମରଶରୀରକୁ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯିବା ସହିତ ଜନକଲ୍ୟାଣ ହାଇସ୍କୁଲକୁ ନିଆଯାଇଥିଲା। ସେଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରାଉତ,ପୂର୍ବତନ ପ୍ରଧାନଶିକ୍ଷକ ଗୁଣନିଧି ଦାସ,ଗୋପୀନାଥ ଦାସ,ହୃଷୀକେଶ ଦାସ,ନିରଞ୍ଜନ ପଲାଇ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ପଲାଇଙ୍କ ବିୟୋଗରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ,ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ,ଯୁବନେତା ପ୍ରଦ୍ୟୁମ୍ନ ଦାଶ,ଭୀଷ୍ମ ମହାନ୍ତି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ବିଦ୍ୟାଳୟ ପରିଚାଳନା ପରିଷଦ ସଦସ୍ୟଙ୍କ ତାଲିମ ଶିବିର

**ଆଳି,୧୪।୧୨(ଡି.ଏନ.ଏ):** ଆଳି ବ୍ଲକରେ ଥିବା ୧୭ଟି କ୍ଲଷ୍ଟରରେ ବିଦ୍ୟାଳୟ ପରିଚାଳନା ପରିଷଦ ସଦସ୍ୟମାନଙ୍କର ଏକ ତାଲିମ ଶିବିର ଶୁକ୍ରବାର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏକ ଦିବସୀୟ ଏହି ତାଲିମ ଶିବିର ପ୍ରତ୍ୟେକ କ୍ଲଷ୍ଟରର ୩ ଟି ବିଦ୍ୟାଳୟରେ ହୋଇଛି। ମୋଟ ୫୧ ଟି ସ୍ଥାନରେ ଏହା ହୋଇଥିବା ବିଆରସିସି ପାବନୀ କୁମାର ରାଉତଙ୍କ ସୂତ୍ରରୁ ଜଣାପଡିଛି। ବ୍ଲକ ଶିକ୍ଷା ଅଧିକାରୀ ସରୋଜ କାନ୍ତ ବିହାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ତାଲିମ ସହଯୋଗ-୨ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉତ୍କଳମଣି ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରର ଏକ ତାଲିମ ଶିବିର ମେଣ୍ଢପୁର ଉଚ୍ଚ ବିଦ୍ୟାଳୟ ଓ ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକ ବି ଏମ ସେନାପତି ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମେଣ୍ଢପୁର ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ୪୦ରୁ ଉର୍ଦ୍ଧ୍ୱ ସଦସ୍ୟାସଦସ୍ୟ ଯୋଗ ଦେଇଥିଲେ। ଶିକ୍ଷାବିତ୍ ପ୍ରମୋଦ କୁମାର ମଲ୍ଲିକ ଓ ପରିଚାଳନା ପରିଷଦ ସଭାପତି ହାକିମ ଖାଁ ଶିବିରରେ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନାରେ ପରିଚାଳନା ପରିଷଦର ସଦସ୍ୟାସଦସ୍ୟମାନେ କିପରି ସହଯୋଗ କରିବେ ସେ ବିଷୟରେ ତାଲିମଦାତାମାନେ ତାଲିମ ପ୍ରଦାନ କରିଥିଲେ। ମେଣ୍ଢପୁର ପଞ୍ଚାୟତ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଶିବିରରେ ରିସୋର୍ସ ପର୍ସନ(ତାଲିମଦାତା)ଭାବରେ ମିର୍ଜା ଆଲିମ,ବିଭୂତି ଷଡଙ୍ଗୀ,ପ୍ରଭାସ ରଞ୍ଜନ ବେହୁରା,ନିରଞ୍ଜନ ଜେନା ଯୋଗ ଦେଇଥିଲେ। କେନାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଥିବା ଶିବିରରେ ପ୍ରମୋଦ କୁମାର ପଢିହାରୀ ଓ ଶ୍ରୀଧର ନନ୍ଦ ତାଲିମଦାତା ଭାବେ ଯୋଗ ଦେଇଥିଲେ।

# ଦେଶୀ ମାଛ ଚାଷ ପ୍ରତି ଆଗ୍ରହ କମୁଛି

**କେନ୍ଦ୍ରାପଡା ଅଫିସ,୧୪।୧୨**

ଗତ ନଭେମ୍ବର ମାସରେ ହୋଇଥିବା ସାମୁଦ୍ରିକ ଝଡ ବୁଲ୍‌ବୁଲ୍ ପ୍ରଭାବରେ କେନ୍ଦ୍ରାପଡା ଜିଲାରେ କ୍ଷୟକ୍ଷତି ଘଟିଥିଲା। ବିଶେଷ କରି ଆଳି, ରାଜନଗର, ରାଜକନିକା ଓ ମହାକାଳପଡା ବ୍ଲକରେ କ୍ଷତି ଅଧିକ ଥିଲା । ଏଥିରେ ୧୫୨ ଜଣଙ୍କର ବୋଟ ଓ ଜାଲ ନଷ୍ଟ ହୋଇଥିବା ବେଳେ ଜିଲାର ୬୬ଟି ପୋଖରୀର ମାଛ ଚାଷ କ୍ଷତି ହୋଇଛି । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ କ୍ଷତିପୂରଣ ପ୍ରଦାନ ପାଇଁ ହିତାଧିକାରୀ ଚୟନ କରାଯିବା ସହ ଆସନ୍ତା ଜାନୁୟାରୀ ୩୧ ସୁଦ୍ଧା ଏଥିନେଇ ଥିବା ଅଭିଯୋଗ ଗ୍ରହଣ କରାଯିବ ବୋଲି ନିକଟରେ ଘୋଷଣା (ବିଜ୍ଞପ୍ତି ନଂ– ୩୦୫୫) କରାଯାଇଛି। ଏହାସତ୍ତ୍ୱେ ସଚେତନତା ଅଭାବରୁ ମାଛଚାଷୀଙ୍କ ମଧ୍ୟରେ ଦେଶୀମାଛ ଚାଷ ପ୍ରତି ଆଗ୍ରହ ସୃଷ୍ଟି ହେଉ ନ ଥିବା ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି । ଲୋକମାନେ ବାସ୍ତବ କ୍ଷେତ୍ରରେ ଅର୍ଥ ବିନିଯୋଗ କରି ଲାଭବାନ ହେବା ଅପେକ୍ଷା କେବଳ କାଗଜପତ୍ରରେ ଫାଇଦା ହାସଲ ପାଇଁ ଲକ୍ଷ୍ୟ ରଖିଥିବରୁ ବଜାରରୁ ଦେଶୀମାଛ ଉଭାନ ହୋଇ ଯାଉଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ ସୂଚନା ଅଧିକାର ଅଭିଯାନ ଜିଲା ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ଜଣେ ସାଧାରଣ ଚାଷୀ ପୋଖରୀ ଖନନ କରି ମାଛ ଚାଷ କରିପାରିବେ । ଚାଷୀଙ୍କୁ ୧ ଏକର ପୋଖରୀ ଖନନ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଉଛି । ସାଧାରଣ ଚାଷୀ ପାଇଁ ୨୮ ହଜାର ଟଙ୍କା ଓ ଅନୁସୂଚିତ ଜାତିର ଚାଷୀଙ୍କ ପାଇଁ ୩୫ ହଜାର ଟଙ୍କା ସବ୍‌ସିଡି ରହିଛି । ଏହାବ୍ୟତୀତ ସମନ୍ୱିତ ମାଛ ଚାଷରେ ଜଣେ ପୋଖରୀ ଖନନ କରି ମାଛ ଚାଷ କରିବା ସହ ପୋଖରୀ ଆଡିରେ ଅମୃତଭଣ୍ଡା, କଦଳୀ, ମହୁଚାଷ ଆଦି କରିପାରିବେ। ସେହିପରି ଶଙ୍କରଜାତୀୟ ଗାଈ ପାଳନ ସହ ଛତୁଚାଷ କରି ଲାଭବାନ ହୋଇପାରିବେ । ତେବେ ଏଥିପ୍ରତି ସଚେତନତା ସୃଷ୍ଟି କରାଯାଉ ନ ଥିବାରୁ ବଜାରରୁ ଦେଶୀମାଛ ଉଭାନ ହେବା ସହ ମାଛ ବଜାରକୁ ଆନ୍ଧ୍ରପ୍ରଦେଶର ମାଛଚାଷୀମାନେ ମାଡି ବସିଛନ୍ତି। ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି ଯେ, ଏହି ଜିଲାରେ ପୂର୍ବରୁ ଦେଶୀମାଛ ଭଲ ଉତ୍ପାଦନ ହେଉଥିଲା। ଏଥିରେ ପରିବେଶ ପ୍ରତି ସେତେଟା ବିପଦ ନ ଥିଲା। ତେବେ ଜିଲାରେ ଚିଙ୍ଗୁଡି ଚାଷକୁ କେତେକ ଅନୁପ୍ରବେଶକାରୀ ମାଛଚାଷୀ ପ୍ରାଧାନ୍ୟ ଦେବା ପରେ ଦେଶୀମାଛ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ କମିଯାଇଛି । ଯେଉଁମାନଙ୍କର ପୂର୍ବରୁ ପୋଖରୀ ଅଛି, ସେମାନେ ବନ୍ୟା,ବାତ୍ୟାରେ ମାଛ ଚାଷ ନଷ୍ଟ ହୋଇଥିବା ଦର୍ଶାଇ କ୍ଷତିପୂରଣ ନେଉଛନ୍ତି । ଏପରି କି ଜିଲାର ବହୁ ହିତାଧିକାରୀ ପୋଖରୀ ଖନନ ପାଇଁ ସରକାରୀ ଅର୍ଥ ହାତେଇ ଥିବା ବେଳେ ଏହାକୁ କାମରେ ଲଗାଉ ନାହାନ୍ତି। ତେବେ ସରକାରୀ ରେକର୍ଡରେ ପୋଖରୀ ଖନନ ଓ ମାଛ ଚାଷ ହେଉଥିବା ଦର୍ଶାଉଛନ୍ତି । ଅପରପକ୍ଷରେ ଚିଙ୍ଗୁଡି ଚାଷରୁ ପ୍ରଦୂଷଣ ହୋଇ ପରିବେଶ ନଷ୍ଟ ହେଉଛି । ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କୁହନ୍ତି ଯେ, ଜିଲା ମତ୍ସ୍ୟ ବିଭାଗ ଓ ବ୍ୟାଙ୍କର ସହଯୋଗ ନ ଥିବାରୁ ଦେଶୀମାଛ ଉତ୍ପାଦନ କମୁଛି । ଚାଷ ପାଇଁ ବ୍ୟାଙ୍କକୁ ଋଣ ପାଇଁ ଗଲେ ମିଳୁନାହିଁ । ଜାଆଁଳ ଉତ୍ପାଦନ କେନ୍ଦ୍ରର ପ୍ରତିଷ୍ଠା ହେଉନାହିଁ । ସେହିପରି ବିଭାଗୀୟ ଅଧିକାରୀ ଦେଶୀମାଛ ଚାଷକୁ ପ୍ରାଧାନ୍ୟ ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜିଲା ମତ୍ସ୍ୟ ଅଧିକାରୀ ମମତା ମହାପାତ୍ର କୁହନ୍ତି ଯେ, ଦେଶୀମାଛ ଚାଷ ପାଇଁ ବିଭାଗ ପକ୍ଷରୁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି । ପୋଖରୀ ଖନନ ଓ ମତ୍ସ୍ୟ ଚାଷ ପାଇଁ ଋଣ ପ୍ରଦାନ ସହିତ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଉଛି । ନିକଟରେ ସାମୁଦ୍ରିକ ଝଡ ବୁଲବୁଲରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୫।୧୨।୨୦୧୯ (ରବିବାର)**

- ଓଷ୍ଟା ପକ୍ଷରୁ ଶିଶୁ ମହୋତ୍ସବ
  ସ୍ଥାନ– ମଧୁସାଗର ବିଦ୍ୟାପୀଠ, ଅଙ୍ଗୁଳାଇ, ମାର୍ଶାଘାଇ, ସମୟ– ପୂର୍ବାହ୍ନ ୧୦ଟା
- କାକଟ ମଙ୍ଗଳା କ୍ଲବର ଜିଲାସ୍ତରୀୟ ନୃତ୍ୟ ଓ ଚେସ୍ ପ୍ରତିଯୋଗିତା
  ସ୍ଥାନ– କାକଟ ଛକ, କେନ୍ଦ୍ରାପଡା ସହର, ସମୟ– ପୂର୍ବାହ୍ନ ୯ଟା
- ଦିବ୍ୟ ଜୀବନ ସଂଘ ପକ୍ଷରୁ ଆଧ୍ୟାତ୍ମିକ ଆଲୋଚନାଚକ୍ର
  ସ୍ଥାନ– ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡା, ସମୟ– ପୂର୍ବାହ୍ନ ୧୦ଟା

**୧୬।୧୨।୨୦୧୯ (ସୋମବାର)**

- ମିଳିତ ଜନଶୁଣାଣି ଶିବିର
  ସ୍ଥାନ– ବ୍ଲକ କାର୍ଯ୍ୟାଳୟ, ସମୟ– ପୂର୍ବାହ୍ନ ୧୦ଟା ୩୦ ମିନିଟ
- କାକଟ ମଙ୍ଗଳା କ୍ଲବର ଜନ୍ମୋତ୍ସବ
  ସ୍ଥାନ– କାକଟ ଛକ, କେନ୍ଦ୍ରାପଡା ସହର, ସମୟ– ପୂର୍ବାହ୍ନ ୯ଟା
- ଶ୍ରୀ ବଳଦେବଜୀଉ ମନ୍ଦିରରେ ପହିଲି ଭୋଗ ଲାଗି
  ସ୍ଥାନ– ଇଚ୍ଛାପୁର, କେନ୍ଦ୍ରାପଡା, ସମୟ– ପୂର୍ବାହ୍ନ ୬ଟା

**୨୦।୧୨।୨୦୧୯ (ଶୁକ୍ରବାର)**

- ପଲ୍ଲୀଶ୍ରୀ ମେଳା ଓ ଜିଲା ସାଂସ୍କୃତିକ ଉତ୍ସବ
  ସ୍ଥାନ– କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ– ଅପରାହ୍ନ ୫ଟା

**୨୧।୧୨।୨୦୧୯ (ଶନିବାର)**

- ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା
  ସ୍ଥାନ– ଟାଉନ ହଲ, କେନ୍ଦ୍ରାପଡା, ସମୟ– ପୂର୍ବାହ୍ନ ୯ଟା

## ଦୁର୍ଘଟଣା ମାମଲାରେ କ୍ଷତିପୂରଣ ୮୪ଲକ୍ଷ ୬୧ହଜାର

**କେନ୍ଦ୍ରାପଡା ଅଫିସ, ୧୪।୧୨**



ଜିଲା ଦୌରାଜଜଙ୍କ କୋର୍ଟରେ ଶୁଣାଣି ଚାଲିଛି।

କେନ୍ଦ୍ରାପଡାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଦୌରାଜଜ୍ ବାସୁଦେବ ପଣ୍ଡାଙ୍କ କୋର୍ଟରେ ମାମଲାର ଶୁଣାଣି ହେଉଥିବା ବେଳେ ୬ ହିତାଧିକାରୀଙ୍କୁ କ୍ଷତିପୂରଣ ବାବଦ ୮୪ ଲକ୍ଷ ୬୧ ହଜାର ଟଙ୍କା ବୀମା କମ୍ପାନୀ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜଗତପୁର ଥାନା ପୀରବଜାରର ସ୍ୱର୍ଗତ ଶରତ ନାୟକଙ୍କ ସ୍ତ୍ରୀ ମାଳତୀଙ୍କୁ ୯ଲକ୍ଷ ୫୦ହଜାର ଟଙ୍କା କ୍ଷତିପୂରଣ ବାବଦ ମିଳିବ । ସେହିପରି ପଟ୍ଟାମୁଣ୍ଡାଇ ଥାନା ମୂଳବସନ୍ତ ଗ୍ରାମର ରଞ୍ଜନ ମଳିକଙ୍କ ଦୁର୍ଘଟଣା ମୃତ୍ୟୁ ପାଇଁ ସ୍ତ୍ରୀ ଲକ୍ଷ୍ମୀ ମଳିକଙ୍କୁ ୮ଲକ୍ଷ ୬୦ହଜାର ଟଙ୍କା, ଡେରାବିଶ ଥାନା ନେତୁଆ ଗ୍ରାମର ରମେଶ ମଳିକଙ୍କ ସ୍ତ୍ରୀ ମିନତୀ ମଳିକଙ୍କୁ ୮ଲକ୍ଷ ୫୦ହଜାର, ପାଟକୁରା ଥାନା ସମସରା ଗ୍ରାମର ପ୍ରକାଶ ଚନ୍ଦ୍ର ସାହୁଙ୍କ ସ୍ତ୍ରୀ ସିପ୍ରାଙ୍କୁ ୮ଲକ୍ଷ ୩୦ହଜାର ଟଙ୍କା, ଡେରାବିଶ ଥାନା ନହଙ୍ଗ ଗ୍ରାମର ସୁଶାନ୍ତ କୁମାର ସିଂଙ୍କ ସ୍ତ୍ରୀ ନଳିନୀଙ୍କୁ ୮ଲକ୍ଷ ୫୦ହଜାର ଟଙ୍କା ଓ ରାଜନଗର ଥାନା ପଞ୍ଚୁପଲ୍ଲୀ ଗ୍ରାମର ସୁଶାନ୍ତ କୁମାର ନାୟକ ଓ କାବେରୀ ମହାନ୍ତିଙ୍କ ୭ବର୍ଷର ଝିଅଙ୍କ ଦୁର୍ଘଟଣାଜନିତ ମୃତ୍ୟୁରେ ୨ଲକ୍ଷ ୮୫ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲା ଦୌରାଜଜ୍ ପଣ୍ଡା ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି । କ୍ଷତିଗ୍ରସ୍ତଙ୍କ ପକ୍ଷରୁ ଆଇନଜୀବୀ ସୁରେନ୍ଦ୍ର ନାଥ ସାହୁ ମାମଲା ପରିଚାଳନା କରିଥିବା ବେଳେ ବୀମା କମ୍ପାନୀ ପକ୍ଷରୁ ଆଇନଜୀବୀ ମହମ୍ମଦ ନଇମ ଥିଲେ ।

## ଚୋରା ମଦ ରୋକିବାକୁ ଜନ ପ୍ରତିନିଧିମାନଙ୍କ ଦାବି

**ଆଳି,୧୪।୧୨(ଡି.ଏନ.ଏ)**

ଆଳି ବ୍ଲକର ଧୋୟାଞ୍ଚଳରେ ଥିବା ଗ୍ରାମ ପଞ୍ଚାୟତଗୁଡିକରେ ବ୍ୟାପକ ଭାବରେ ଚୋରା ମଦ ବିକ୍ରୟ କରାଯାଉଥିବାରୁ ଏଥିପାଇଁ ସେହି ଅଞ୍ଚଳର ଜନ ପ୍ରତିନିଧିମାନେ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଧୋୟାଞ୍ଚଳ ଜୁଆଣିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ସ୍ୱପ୍ନାରାଣୀ ନାୟକ,ଅରଗଳ ସରପଞ୍ଚ ଆନନ୍ଦ ଚନ୍ଦ୍ର ସ୍ୱାଇଁ,କେନ୍ଦୁଆପାଳ ସରପଞ୍ଚ ରଶ୍ମିତା ଜେନା ଏବଂ ଜିଲା ପରିଷଦ ସଦସ୍ୟ ଧନରଞ୍ଜନ ବୋଷ ଗୁରୁବାର ଏଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଚୋରାମଦ କାରବାରକୁ ବିରୋଧ କରିବା ସହ ସରକାରଙ୍କ ଦ୍ୱାରା ଘୋଷିତ ପ୍ରସ୍ତାବିତ ବିୟର ବାରକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ଏହି ଖବରଦାତା ସମ୍ମିଳନୀରେ ବୋଷ ପ୍ରକାଶ କରିଥିଲେ ଯେ, ଧୋୟାଞ୍ଚଳର ଜନସାଧାରଣ ମଦ ପିଇ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ମଦ୍ୟପମାନଙ୍କ ଉପଦ୍ରବ ମଧ୍ୟ ବଢିଚାଲିଛି । ତେଣୁ ଜୁଆଣିଆ ଗ୍ରାମ ପଞ୍ଚାୟତଠାରେ ପ୍ରସ୍ତାବିତ ବିୟର ବାର ଖୋଲିଲେ ଚୋରାମଦ କାରବାର ରୋକାଯିବା ସହ ବିଷାକ୍ତ ମଦପାନରୁ ଲୋକେ ରକ୍ଷା ପାଇପାରିବେ। କିନ୍ତୁ ଏହି ବାର ଖୋଲାଇ ନ ଦେବା ପାଇଁ ଚୋରାମଦ ବ୍ୟବସାୟୀମାନେ ସକ୍ରିୟ ହୋଇ ପଡିଛନ୍ତି। ଚୋରା ମଦ କାରବାର ରୋକିବାକୁ ଜନପ୍ରତିନିଧିମାନେ ଦାବି କରିଛନ୍ତି ।

## କରତକଳ ଉପରେ ଚଢାଉ



କରତକଳ ଉପରେ ଚଢାଉ କରାଯାଉଛି।

**ରାଜକନିକା, ୧୪।୧୨( ଡି.ଏନ୍.ଏ)**

ରାଜକନିକା ବ୍ଲକ ଅନ୍ତର୍ଗତ କଣ୍ଡିଆହାଟରେ ଶୁକ୍ରବାର ରାଜନଗର ଫରେଷ୍ଟ ଡିଭିଜନ ଓ କନିକା ପ୍ରଶାସନର ମିଳିତ ସହଯୋଗରେ ୩ ଟି କରତକଳ ଉପରେ ଚଢାଉ କରାଯାଇଛି । ବନବିଭାଗ କର୍ମଚାରୀମାନେ ବେଆଇନ ଭାବେ ଚାଲୁଥିବା ୩ଟି କରତ କଳକୁ ସିଜ୍ କରି ଦେଇଛନ୍ତି । ରାଜନଗର ବନ ବିଭାଗର ପ୍ରାୟ ୬୦ ଜଣ କର୍ମଚାରୀ ଆସି ଗ୍ୟାସ କଟର ଆଣି କରତକଳର ଯନ୍ତ୍ରାଂଶଗୁଡିକୁ କାଟି ଟ୍ରାକ୍ଟରରେ ବୋଝେଇ କରି ନେଇ ଯାଇଛନ୍ତି । ସେହିପରି ୩ଟି କରତକଳର ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାଠ ଜବତ କରି ରାଜନଗର ଫରେଷ୍ଟ ଡିଭିଜନକୁ ନେଇଥିବା ଜଣାପଡିଛି । ରାଜନଗର ସହକାରୀ ବନ ସଂରକ୍ଷକ ଅଧିର କୁମାର ବେହେରା ଓ ହରେକୃଷ୍ଣ ମଲ୍ଲିକ ତଥା କନିକା ସହକାରୀ ତହସିଲଦାର ପ୍ରେମାନନ୍ଦ ବେହେରାଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା । ଏଥିରେ କନିକା ରେଞ୍ଜର ସୁଶ୍ରୀ ସ୍ୱାତୀ ମହାନ୍ତି, ଫରେଷ୍ଟର ପ୍ରଶାନ୍ତ କୁମାର ସିଂ. ରାଜନଗର ରେଞ୍ଜର ପ୍ରତାପ ଚନ୍ଦ୍ର ମହାନ୍ତି, ସୁଜିତ୍ କୁମାର ସାହୁ, ଗହୀରମଥା ରେଞ୍ଜ ର ଦେବାଶିଷ ଭୋଇ, ମହାକାଳପଡା ରେଞ୍ଜର ସାହାଜିତ୍ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ ।

## ■ ରାଷ୍ଟ୍ରୀୟ ଲୋକ ଅଦାଲତ
# ୪୩୯ ମାମଲା ଫଇସଲା

**କେନ୍ଦ୍ରାପଡା ଅଫିସ, ୧୪।୧୨**

କେନ୍ଦ୍ରାପଡା ଜିଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ ସ୍ଥାନୀୟ ଅଦାଲତ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ମୋଟ ୫୭୭୧ ମାମଲା ଆସିଥିବା ବେଳେ ୪୩୯ ମାମଲା ଫଇସଲା କରାଯାଇ ୧,୯୯,୨୧,୭୨୯ ଟଙ୍କା ଆଦାୟ କରାଯାଇଛି । ଋଣ ଅର୍ଥ ଆଦାୟ ୫୦୮୧ ମାମଲା ମଧ୍ୟରୁ ୨୭୯ ମାମଲା ଫଇସଲା ହୋଇ ୬୫,୯୦,୦୯୮ ଟଙ୍କା ଆଦାୟ ହୋଇଥିଲା । ସେହିପରି ପୁରୁଣା ମୋଟ ୬୯୦ ମାମଲା ମଧ୍ୟରୁ ୫ଟି ଫୌଜଦାରୀ ମାମଲା, ୪୧ଟି ଏନଆଇଏ ମାମଲା, ୩୧ ବିବାହ ମାମଲା, ୩୮ରାଜସ୍ୱ ମାମଲାର ସମାଧାନ ହୋଇଥିଲା । ଏଥିସହିତ ୨୭ଟି ଏମଏସିଟି ମାମଲା ଓ ୧୮ ଋଣ ଆଦାୟ ମାମଲାରୁ ୧,୩୩,୩୧,୬୩୧ ଟଙ୍କା ଆଦାୟ ହୋଇଥିଲା। ଏହି ଲୋକ ଅଦାଲତକୁ ଜିଲା ଦୌରାଜଜ୍ ବାସୁଦେବ ପଣ୍ଡା, ପରିବାର ଅଦାଲତ ଜଜ୍ ଅନୀତା ସାହୁ, ଏଡିଜେ ଏମ. ଆର. ଦୋରା, ସିଜେଏମ ଜ୍ଞାନରଞ୍ଜନ ପଟ୍ଟନାୟକ, ରେଜିଷ୍ଟ୍ରାର ବିଶ୍ୱରଞ୍ଜନ ବେହେରା, ଆଡିସନାଲ ସିନିୟର ସିଭିଲ ଜଜ୍ ଶୋଭନ କାନୁନଗୋ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନ, ସିନିୟର ଜଜ୍ କୁମୁଦିନୀ ମୁଦୁଲି, ଏସଡିଜେଏମ ଦିଗବିଜୟ ଦାସ, ଜଜ୍ ପ୍ରଜ୍ଞା ପୂଜାପ୍ରଦା, ଜେଏମଏଫସି ଶର୍ମିଷ୍ଠା ଜେନା, ଜେଏମଏସସି ପାରସ ପାଢ଼ୀ, ଜେଏମଏଫସି ସରିତା ପଣ୍ଡା, ଜେଏମଏଫସି ଜରୀନ ଖାନ ପରିଚାଳନା କରିଥିଲେ ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଅଟୋ ଚାଳକଙ୍କ ଉପରେ ୧୫ ହଜାର ଜରିମାନା



ଅଟୋରେ ଅଧିକ ସଂଖ୍ୟକ ସ୍କୁଲ ପିଲାଙ୍କୁ ନିଆଯାଉଛି।

**ପଟ୍ଟାମୁଣ୍ଡାଇ ,୧୪।୧୨(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଭିନ୍ନ ସ୍କୁଲକୁ ଭଡାରେ ଅଧିକ ଛାତ୍ରୀଛାତ୍ରମାନଙ୍କୁ ନେବା ଆଣିବା କରୁଥିବା ଅଟୋ ଉପରେ ପୋଲିସ୍ ନଜର ପଡିଛି । ଶନିବାର ପଟ୍ଟାମୁଣ୍ଡାଇ ଅଞ୍ଚଳର ଦୁଇଟି ସ୍କୁଲକୁ ଆବଶ୍ୟକ ଠାରୁ ଅଧିକ ପିଲାମାନଙ୍କୁ ନେବା ଆଣିବା କରୁଥିବା ଅଟୋ ଅଟକାଇ ପୋଲିସ ୧୫ ହଜାର ୫ଶହ ଟଙ୍କା ଜରିମନା ଆଦାୟ କରିଛି । ବିପଦପୂର୍ଣ୍ଣ ଭାବେ ଅଟୋ ଚାଳକମାନେ ପିଲାମାନଙ୍କୁ ବସାଇ ନେବା ଆଣିବା କରୁଥିବାରୁ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ରାଜନଗର ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଯୁବକଙ୍କର ଶନିବାର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ କେନ୍ଦ୍ରାପଡା ଜିଲା ରାଜନଗର ଥାନା ଅଞ୍ଚଳର କୃଷ୍ଣଚନ୍ଦ୍ର ସାହୁ। ଏହି ମୃତ୍ୟୁକୁ ନେଇ ନାନା ସନ୍ଦେହ ଉପୁଜିଛି। ଯୁବକ ଜଣକ ବିଷ ପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହୁଥିବାବେଳେ ଯୁବକଙ୍କ ପେଟରେ ଗଭୀର କ୍ଷତ ଚିହ୍ନ ଘଟଣାକୁ ରହସ୍ୟାବୃତ କରିଦେଇଛି। କୌଣସି ଏକ ଧାରୁଆ ଅସ୍ତ୍ରରେ ପେଟକୁ ଭୁଷି ଦିଆଯାଇଥିବା ଭଳି ଜଣାପଡୁଛି। ମଞ୍ଚେଶ୍ୱର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ( ନଂ.୧୦୦/୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଘଟଣାର ଖୋଳତାଡ଼ ଆରମ୍ଭ କରିଛି। ପରିବାର ଲୋକଙ୍କ କହିବାନୁସାରେ, ପାରିବାରିକ କଳହକୁ କେନ୍ଦ୍ର କରି କୃଷ୍ଣଚନ୍ଦ୍ର ଘର ଭିତରେ ବିଷପିଇ ଶୋଇଥିଲେ। ତାଙ୍କୁ ରାଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କେନ୍ଦ୍ରାପଡା ମେଡିକାଲ ଓ ଏହାପରେ କଟକ ବଡ଼ମେଡିକାଲକୁ ନିଆଯାଇଥିଲା। ସେଠାରୁ କଟକର ଏକ ଘରୋଇ ହସ୍ପିଟାଲ ଓ ପରେ ଭୁବନେଶ୍ୱରସ୍ଥିତ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।ଏନେଇ ମଞ୍ଚେଶ୍ୱର ଥାନା ଅଧିକାରୀ କହିଛନ୍ତି, ଏ ସଂକ୍ରାନ୍ତରେ ରାଜନଗର ପୋଲିସ ତଦନ୍ତ କରିବ। ରାଜନଗର ଥାନା ଅଧିକାରୀ ତପନ କୁମାର ନାୟକ କହିଛନ୍ତି, ମଞ୍ଚେଶ୍ୱର ପୋଲିସ ଫୋନ୍ କରି ବିଷପିଇ ଯୁବକ ଜଣକ ଆତ୍ମହତ୍ୟା କରିଥିବା କହିଥିଲେ। ଯଦି ତାଙ୍କ ପେଟର କ୍ଷତଚିହ୍ନ ରହିଥିବ ଓ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ସୁନେତ୍ର ଯୋଜନାରେ ୧୬୫ ଛାତ୍ରୀଛାତ୍ରଙ୍କୁ ମିଳିବ ଚଷମା

**ରାଜନଗର, ୧୪।୧୨ (ଡି.ଏନ.ଏ.)**




ଶିବିରରେ ଚିକିତ୍ସକ ଓ ଅନ୍ୟମାନେ।

ରାଜନଗର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପାଠ ପଢୁଥିବା ୧୬୫ଜଣ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଚଷମା ଯୋଗାଇ ଦିଆଯିବ। ଗତ ୩ ଦିନ ଧରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ରାଜନଗର ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ମିଳିତ ଚକ୍ଷୁ ପରୀକ୍ଷା ଶିବିରରେ ଏହି ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯାଇଛି। ସୁନେତ୍ର ଯୋଜନାରେ ସରକାର ଆଖି ପାୱାର କମ ଥିବା ଛାତ୍ରୀଛାତ୍ରଙ୍କୁ ଚଷମା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ରାଜନଗର ବ୍ଲକରେ ପୂର୍ବରୁ ସର୍ଭେ କରାଯାଇ ୩୧୪ଜଣ ଛାତ୍ରୀଛାତ୍ରଙ୍କ ଦୃଷ୍ଟିଶକ୍ତି କମ ଥିବା ରିପୋର୍ଟ ଦିଆଯାଇଥିଲା। ଗତ ୧୨ ତାରିଖରେ କେରେଡାଗଡ ପ୍ରାଥମିକ ବିଦ୍ୟାଳୟ, ୧୩ ତାରିଖରେ ଲକ୍ଷ୍ମୀ ବରାହ ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ଶୁକ୍ରବାର ନାଗା ନାରାୟଣ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଚକ୍ଷୁ ବିଶେଷଜ୍ଞ ମନୋରଞ୍ଜନ ବେହେରା, କୈଳାସ ଚନ୍ଦ୍ର ପୃଷ୍ଟି, ସତ୍ୟବ୍ରତ ଜେନା, ପ୍ରତାପ କୁମାର ମହାପାତ୍ର, କୁଳମଣି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି ଚକ୍ଷୁ ପରୀକ୍ଷା ସମୟରେ ୧୬୫ଜଣ ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଶକ୍ତି କମ୍ ଥିବା ଜଣାପଡିଥିଲା। ୧୬୫ଜଣ ଶିକ୍ଷାର୍ଥୀଙ୍କ ପାୱାର ଅନୁଯାୟୀ ଚଷମା ତିଆରି କରାଯାଇ ସେମାନଙ୍କୁ ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମକୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ଡିପିଏମ ଶ୍ରୀକାନ୍ତ ଦାସ, ରବୀନ୍ଦ୍ର ପ୍ରଧାନ, ଏବିଇଓ ନନ୍ଦ କିଶୋର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ■ ନାବାଳିକା ପୀଡିତାଙ୍କ ନାମ ପ୍ରକାଶ ଘଟଣା
## ଏନ୍‌ଏଚ୍‌ଆରସିରେ ହାଜର ହେବେ ଏସ୍‌ପି ଓ ମୁଖ୍ୟ ଶାସନ ସଚିବ

**କେନ୍ଦ୍ରାପଡା ଅଫିସ, ୧୪।୧୨**

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଶିକ୍ଷାମଣ୍ଡଳସ୍ଥ ଏକ ସ୍କୁଲରେ ଜଣେ ନାବାଳିକା ପୀଡିତା ଛାତ୍ରୀଙ୍କ ନାମ ବିଇଓ ଅଜୟ କୁମାର ପରିଡା ସର୍ବସାଧାରଣରେ ଜଣାଇଥିଲେ । ଏହି ମାମଲାକୁ ଜାତୀୟ ମାନବାଧିକାର କମିଶନ ଗତ ଅକ୍ଟୋବର ୧୦ରେ ଶୁଣାଣି କରି କେନ୍ଦ୍ରାପଡା ଏସପି ଓ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ମାଗିଛନ୍ତି। ସଂପୃକ୍ତ ଘଟଣାର ସବିଶେଷ ରିପୋର୍ଟ ସହ କାର୍ଯ୍ୟାନୁଷ୍ଠାନର ବିବରଣୀ ଦେବାକୁ ଆସନ୍ତା ଜାନୁୟାରୀ ୨ ତାରିଖକୁ ସମୟ ଧାର୍ଯ୍ୟ କରିଛନ୍ତି। ଘଟଣା ଅନୁଯାୟୀ, ସ୍କୁଲର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଉକ୍ତ ସ୍କୁଲର ଶିକ୍ଷକ ଅସଦାଚରଣ କରିଥିଲେ । ଜିଲା ଶିକ୍ଷାବିଭାଗ ପକ୍ଷରୁ ବିଇଓ ପରିଡା ଏହି ଘଟଣାର ତଦନ୍ତ କରିଥିଲେ । ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ପୀଡିତା ଛାତ୍ରୀଙ୍କ ନାମ ଓ ଠିକଣା ସର୍ବସାଧାରଣରେ ସେ ପ୍ରକାଶ କରିଥିଲେ। ଏନେଇ ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି ଗତ ସେପ୍ଟେମ୍ବର ୯ ତାରିଖରେ ଏନଏଚଆରସିରେ ସମ୍ପୃକ୍ତ ବିଇଓ ପରିଡାଙ୍କ ବିରୋଧରେ ଅଭିଯୋଗ ପତ୍ର ଦେଇଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ ଯେ, ପୀଡିତାଙ୍କ ନାମ ଉଲ୍ଲେଖ କରି ବିଇଓ ପରିଡା ମାନବାଧିକାର ଉଲ୍ଲଂଘନ କରିଛନ୍ତି । ଏହି ଦୃଷ୍ଟିରୁ ସଂପୃକ୍ତ ଛାତ୍ରୀଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ବିଇଓ ପରିଡା ଓ ସଂପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

## ସଂକ୍ଷେପରେ

### ନାବାଳିକା ଅପହରଣ

**କୋରେଇ,୧୪।୧୨(ସ୍ୱ.ପ୍ର):** ପାଣିକୋଇଲି ମା’ ତାରିଣୀ ମାଧମିକ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ରେ ପଢୁଥିବା ଜଣେ ନାବଳିକାଙ୍କୁ ତାଙ୍କ ଗ୍ରାମର ଯୁବକ ଅପହରଣ କରିନେଇଥିବା ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଝିଅ ୫ ତାରିଖ କଲେଜ ଆସି ଘରକୁ ଫେରି ନ ଥିଲେ । ପୋଲିସ ମାମଲାର ତଦନ୍ତ ଜାରି ରଖିଛି ।

### ଉତ୍କଳମଣି ଗୋପବନ୍ଧୁ ସେବା ସଂଘର ୬୫ଷ୍ଠ ବାର୍ଷିକ ଉତ୍ସବ

**ଧର୍ମଶାଳା,୧୪।୧୨(ଡି.ଏନ୍.ଏ.):** ଉତ୍କଳମଣି ଗୋପବନ୍ଧୁ ସେବା ସଂଘ ଧର୍ମଶାଳା ପକ୍ଷରୁ ୬୫ଷ୍ଠ ବାର୍ଷିକ ଉତ୍ସବ ଜାରକା ଭେଙ୍କଟେଶ୍ୱର ସ୍କୁଲ ପରିସରରେ ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ସିଡିଏମଓ ବିଜୟ ଶତପଥୀଙ୍କ ପୌରହିତ୍ୟରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଛତିଶଗଡ଼ର ରାୟପୁର ଜିଲା ମହିମା ଆଶ୍ରମର ମୁଖ୍ୟ ସାଧୁ ମଦନ ମହୋନଜୀ ମହାରାଜ ଓ ମୁଖ୍ୟବକ୍ତା ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗଦେଇ ଯାହା ପାଖରେ ନୈତିକ ମୂଲ୍ୟବୋଧ ରହିଛି ସେ ଅନ୍ୟକୁ ଆଶ୍ରୟ ଦେଇପାରେ। ମଣିଷର ନୈତିକ ମୂଲ୍ୟବୋଧ ନ ଥିଲେ ସେ ଫକିର । ବ୍ୟବହାରିକ ଜୀବନରେ ଆଧ୍ୟତ୍ମିକତା ଏକାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଧର୍ମଶାଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଅବସରପ୍ରାପ୍ତ ସିଡିଏମଓ ରମେଶ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରି ଏହି ଅନୁଷ୍ଠାନ ଜନସାଧାରଣଙ୍କ ସେବା କରିବା ନିମନ୍ତେ ସମର୍ପିତ ବୋଲି କହିଥିଲେ। ପ୍ରତିଷ୍ଠାତା ସଭ୍ୟ ଅକ୍ଷୟ ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ଅନନ୍ତ ଚରଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅଭିମନ୍ୟୁ ପଣ୍ଡା,ବାମଦେବ ପାଢ଼ୀ, ଇନରହ୍ୱିଲ ଓ ରୋଟାର କ୍ଲବର ସଭ୍ୟାସଭ୍ୟ ପରିଚାଳନାରେ ସହାୟତା କରିଥିଲେ।

### ଗାଡ଼ି ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ

**ଡେରାବିଶ, ୧୪ । ୧୨ (ସ୍ୱ.ପ୍ର.):** ଡେରାବିଶ ଥାନା ଅନ୍ତର୍ଗତ ୫ନଂ(କ) ଜାତୀୟ ରାଜପଥର ଓଲଢି ଛକରେ ଶନିବାର ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଓଲଢି ଗ୍ରାମର ସର୍ବେଶ୍ୱର ମଲିକ(୫୨)। ପ୍ରକାଶ ଯେ, ମଧାହ୍ନରେ ସର୍ବେଶ୍ୱର ଘରୁ ନିକଟସ୍ଥ ଛତା ଗୋଷ୍ଠୀକେନ୍ଦ୍ରକୁ ଚିକିତ୍ସା ପାଇଁ ସାଇକେଲ ଯୋଗେ ରାଜପଥରେ ଯାଉଥିଲେ । ଏହି ସମୟରେ ଓଲଢି ଛକ ନିକଟରେ ଏକ ଅଜଣା ଗାଡି ପଛପଟୁ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ସର୍ବେଶ୍ୱର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଡାକ୍ତଖାନାକୁ ନେଇଥିଲେ ହେଁ ସେଠାରେ ଡାକ୍ତର ସର୍ବେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

## କୋକିଡ଼ିହ-ଗାରୋଇ ରାସ୍ତାରେ ଫସିଲା ହାଇୱା

# ୧୨ ଘଣ୍ଟା ଗାଡ଼ି ଚଳାଚଳ ବାଧାପ୍ରାପ୍ତ

**ନାଉଗାଁ,୧୪।୧୨(ସ୍ୱ.ପ୍ର.)**



କଲଭର୍ଟ ନିକଟରେ ଫସିଯାଇଥିବା ଟ୍ରକ୍।

- ନିମ୍ନମାନର ରାସ୍ତା କାର୍ଯ୍ୟ ଅଭିଯୋଗ
- ହାଇୱାରେ ପରିବହନ କ୍ଷମତାଠାରୁ ଅଧିକ ସାମଗ୍ରୀ ଥିଲା

ନାଉଗାଁ ବ୍ଲକ ସଦର ମହକୁମାରୁ କୋରୁଅ ପଞ୍ଚାୟତ ତେଲସରାକୁ ସଂଯୋଗୀକରଣ ପାଇଁ ନାଉଗାଁ-ଗାରୋଇ ରାସ୍ତା ରହିଛି। ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଯାଉଛି। ରାସ୍ତାଟି ମୋଟ୍ ୧୫ କିମି ହୋଇଥିବାବେଳେ ପ୍ରାୟ ୩ କିମି କଂକ୍ରିଟ ହୋଇଛି। ଅବଶିଷ୍ଟ ୧୨ କି.ମି ପିଚୁ କରାଯାଇଛି। ତେବେ ଏହି ରାସ୍ତାରେ ଏକାଧିକ କଲଭର୍ଟ ନିର୍ମାଣ କରାଯାଇଛି। ମାତ୍ର କଲଭର୍ଟ ଗୁଡିକ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଶନିବାର ଭୋର ସମୟରେ ଗଙ୍ଗଦାହାଟ ନିକଟରେ ଥିବା କଲଭର୍ଟ ଦେଇ ଏକ ପଥର ବୋଝେଇ ହାଇୱା ଯିବା ସମୟରେ ରାସ୍ତା ଦବି ଯାଇଥିଲା। ଫଳରେ ହାଇୱା ଆଗକୁ ଯାଇ ନ ପାରି ସେଠାରେ ଫସି ରହିଥିଲା। ଯଦ୍ୱାରା ରାସ୍ତାଟି ସମ୍ପୂର୍ଣ୍ଣ ଜାମ ହୋଇଥିଲା। ଏଥିଯୋଗୁ ପ୍ରାୟ ୧୨ ଘଣ୍ଟା ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସନ୍ଧ୍ୟାରେ ହାଇୱାକୁ ହଟାଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଯେଉଁ ସ୍ଥାନରେ ହାଇୱା ଦବିଥିଲା ସେହି ସ୍ଥାନରେ ଥିବା କଲଭର୍ଟକୁ ୩ ଦିନ ତଳେ ମରାମତି ପାଇଁ ଖୋଳାଯାଇଥିଲା। କିନ୍ତୁ କାର୍ଯ୍ୟ କରାଯାଇ ନ ଥିଲା। ତେଣୁ ପଥର ବୋଝେଇ ହାଇୱା ଭାରାସାମ୍ୟ ହରାଇ ଗୋଟିଏ ପାର୍ଶ୍ୱକୁ ଢଳି ରହିଥିଲା। ସେହିପରି ରାସ୍ତା କଡରେ ଥିବା ଏକ ଫଳ ଦୋକାନ ଆଡ଼କୁ ଗାଡ଼ି ଢଳାଇ ଯାଇଥିଲା। ମାତ୍ର ଦୋକାନୀ ଶୋଇଥିଲେ ମଧ ବର୍ତ୍ତି ଯାଇଛନ୍ତି।

ବ୍ଲକର କୋକିଡ଼ିହଠାରୁ ଗାରୋଇ ପର୍ଯ୍ୟନ୍ତ ୧୫ କମି ରାସ୍ତା ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସଙ୍କ ୧୯୮୫-୧୯୯୦ ମଧ୍ୟରେ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ମେଟାଲ କରାଯାଇଥିଲା। ପରେ ୧୯୯୦ରୁ ୯୫ ମଧ୍ୟରେ ପୂର୍ବତନ ବିଧାୟକ ଉମେଶ ସ୍ୱାଇଁଙ୍କ ଆଞ୍ଚଳିକପାଣ୍ଠିରୁ ନାଉଗାଁଠାରୁ ବାଂଶ ପଞ୍ଚାୟତ ଚାନ୍ଦପୁରା ପର୍ଯ୍ୟନ୍ତ ପିଚୁ କରାଯାଇଥିଲା। ଏହା ଶେଷ ହୋଇ ନ ପାରିବାରୁ ୧୯୯୫-୨୦୦୦ ମଧ୍ୟରେ ପୂର୍ବତନ ବିଧାୟକ ଡା.ଲଲାଟେନ୍ଦୁ ମହାପାତ୍ରଙ୍କ ସମୟରେ ୪ କୋଟି ଟଙ୍କା ବ୍ୟୟ କରାଯାଇ ଗାରୋଇ ପର୍ଯ୍ୟନ୍ତ ପିଚୁ କରାଯାଇଥିଲା। ପିଚୁ କାର୍ଯ୍ୟ ଶେଷ ହେବା ପରେ ରାସ୍ତାଟିକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ସେହିଦିନଠାରୁ ପୂର୍ତ୍ତ ବିଭାଗ ରକ୍ଷଣାବେକ୍ଷଣ ପାଇଁ ରାସ୍ତାରେ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛି। ମାତ୍ର ରାସ୍ତା ଅବସ୍ଥା ସୁଧୁରିବାର ନାଁ ଧରୁ ନାହିଁ। ଏପରି କି ରାସ୍ତା ପ୍ରଶସ୍ତୀକରଣ ବେଳେ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିଲେ। ଫଳରେ ଠିକାଦାର ମନଇଚ୍ଛା କାର୍ଯ୍ୟ କରିଥିଲେ। ଯେଉଁଥି ପାଇଁ ଅଳ୍ପ ଦିନରେ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ସନ୍ତୋଷ ମହାପାତ୍ରଙ୍କୁ ପଚାରିବାରେ ସେ କହିଥିଲେ, ହାଇୱାଟି କ୍ଷମତାଠାରୁ ଅଧିକ ସାମଗ୍ରୀ ପରିବହନ କରୁଥିଲା। ତେଣୁ ଏଭଳି ସମସ୍ୟା ହୋଇଥିଲା। ମାତ୍ର ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇ ନ ଥିବା ପ୍ରକାଶ କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୧୬୧ ପ୍ରକଳ୍ପ ପ୍ରଦର୍ଶିତ

**ତିର୍ତ୍ତୋଲ,୧୪।୧୨ (ଡି.ଏନ.ଏ.)**

ତିର୍ତ୍ତୋଲରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ତିର୍ତ୍ତୋଲ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ର ଭାଗ ନେଇଥିଲେ। ମେଳାରେ ୧୬୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଷଷ୍ଠରୁ ଦଶମ ଶ୍ରେଣୀର ବିଦ୍ୟାର୍ଥୀଙ୍କ ପ୍ରକଳ୍ପ ମଧ୍ୟରୁ ୧୦ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ତିର୍ତ୍ତୋଲ ମଣ୍ଡଳ ଶିକ୍ଷାଧିକାରୀ ଧୀରେନ୍ଦ୍ରନାଥ ଦାଶ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ଜିଲା ବିଜ୍ଞାନ ପରିଦର୍ଶକ ସୁବାସ ଚନ୍ଦ୍ର ରାଉତ ତାଙ୍କ ବକ୍ତବ୍ୟରେ କୁନି କୁନି ବୈଜ୍ଞାନିକମାନେ ବିଜ୍ଞାନ କ୍ଷେତ୍ରରେ ଭାରତକୁ ଅଗ୍ରଣୀ କରିବେ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥିଭାବେ ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି ବିଜ୍ଞାନ ଅଗ୍ରଗ୍ରତି ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥିଭାବେ ତିର୍ତ୍ତୋଲ ବ୍ଲକ ଆମ୍ବା ଅଧକ୍ଷ ବସନ୍ତ କୁମାର ମହାପାତ୍ର, ଜିଲାପରିଷଦ ସଭ୍ୟ ସନାତନ ଦଳାଇ, ଏବିଇଓ ଅନନ୍ତ କିଶୋର ଭୂୟାଁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ କର ପ୍ରମୁଖ ଯୋଗଦେଇଥିଲେ । ସିଆରସିସି ଅକ୍ଷୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବ୍ଲକ ବିଜ୍ଞାନ କ୍ଲବ ସମ୍ପାଦକ କମଳ କୁମାର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଜିଲାସ୍ତରକୁ ମନୋନୀତ ହୋଇଥିବା କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ସିଆରସିସି ତାପସ କୁମାର ମହାନ୍ତି ଶେଷରେ ଧନ୍ୟବାଦ ଦେଇଥିଲେ ।



ବିଜ୍ଞାନ ମେଳାରେ ଅତିଥି କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରୁଛନ୍ତି।

## ୧୬୫ ମାମଲା ଫଇସଲା, ୧ କୋଟି ଆଦାୟ



ଲୋକ ଅଦାଲତରେ ଜଣେ ମହିଳାଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

**ଜଗତ୍‌ସିଂହପୁର ଅଫିସ, ୧୪।୧୨**

### ରାଷ୍ଟ୍ରୀୟ ଲୋକ ଅଦାଲତ

ଜଗତ୍‌ସିଂହପୁର ଜିଲା ଅଦାଲତ ପ୍ରାଙ୍ଗଣରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ବିଶେଷକରି ଦୁର୍ଘଟଣାଜନିତ କ୍ଷତିପୂରଣ, ଫୌଜଦାରୀ ଦେୱାନୀ, ପାରିବାରିକ ଆଦି ୯୭୦ ମାମଲା ମଧ୍ୟରୁ ୧୬୫ଟିର ଫଇସଲା କରାଯାଇଥିଲା। ଏ ବାବଦରେ ୧,୦୩,୬୫,୧୧୧ ଟଙ୍କା ଆଦାୟ ହୋଇଥିଲା। ସେହିପରି ଜଗତ୍‌ସିଂହପୁର ଅଞ୍ଚଳର ବିଭିନ୍ନ ବ୍ୟାଙ୍କ ସଂକ୍ରାନ୍ତୀୟ ୨,୩୯୭ ପ୍ରାକ୍ ମାମଲା ମଧ୍ୟରୁ ୧୦୮ଟି ଫଇସଲା ହେବା ସହ ୧୪, ୮୯,୬୨୧ ଟଙ୍କା ଆଦାୟ କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଓ ଦୌରାଜଜ୍ ଆନନ୍ଦ ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଅଦାଲତରେ ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ବିଚାରପତି ଡ. ଜୀବନ ଜ୍ୟୋତି ରଥ, ଅତିରିକ୍ତ ଜିଲା ଓ ଦୌରାଜ୍‌ଜ ଡ. ମୁନ୍‌ରାଣୀ ମିଶ୍ର, ସିଜେଏମ୍ ସୁଦାମ ଚରଣ ଦାସ, ସବ୍‌ଜଜ୍ ଶଶିରେଖା ମିଶ୍ର, ମହିଳା କୋର୍ଟ ବିଚାରପତି ଅନ୍ନପୂର୍ଣ୍ଣା ନାୟକ, ମୁନସିଫ ବିଭୂତି ଭୂଷଣ ନାୟକ, ଏସ୍‌ଡିଜେଏମ୍ ରତ୍ନପର୍ଣ୍ଣା ମିଶ୍ର, ତିର୍ତ୍ତୋଲ ଜେଏମ୍‌ଏଫ୍‌ସି ସୁଶାନ୍ତ ନାୟକ, ଜେଏମ୍‌ଏଫ୍‌ସି ନିରଞ୍ଜନ ଫଇଜଲ୍ ପ୍ରମୁଖ ଯୋଗଦେଇ ମାମଲାଗୁଡିକର ସୁପରିଚାଳନା କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ କମଳାକାନ୍ତ ରାଉତ ଓ ସିଭିଲ କୋର୍ଟ ରେଜିଷ୍ଟ୍ରାର ମହେଶ୍ୱେତା ପରିଜା ସହଯୋଗ କରିଥିଲେ। ଜିଲା ଓ ଦୌରାଜଜ୍ ବେହେରାଙ୍କ ପୌରୋହିତ୍ୟରେ ହୋଇଥିବା ଦୁର୍ଘଟଣାଜନିତ ମକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ସରକାରୀ ଓକିଲ ସଲିଳ ଘୋଷ, ସାମାଜିକ କର୍ମୀ ନିରୁପମା ମିଶ୍ର ବେଞ୍ଚ ସଭ୍ୟ ଭାବରେ ମକଦ୍ଦମା ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଓ ଦୌରାଜଜ୍ ଡ. ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦୁର୍ଘଟଣାଜନିତ ମକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ଜ୍ୟୋତିର୍ମୟୀ ମହାନ୍ତି ବେଞ୍ଚ ସଭ୍ୟା ଭାବରେ ମକଦ୍ଦମା ପରିଚାଳନା କରିଥିଲେ।

## ମା’ ବେଗେଶ୍ୱରୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**କୋରେଇ,୧୪।୧୨(ସ୍ୱ.ପ୍ର)**

ଷଠିପୁର କରଦା ଗ୍ରାମ ମଝିରେ ବିରାଜିତ ମା’ ବାଗେଶ୍ୱରୀ ପୀଠରେ ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ମାହାଯଜ୍ଞ ମହାସମାରୋହରେ ପାଳିତ ହେଉଛି। ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ପାଇଁ ପ୍ରଥମେ ଗ୍ରାମଦେବତୀଙ୍କୁ ଆରାଧନା ପରେ ବୈତରଣୀ ନଦୀର ଲିଙ୍ଗେଶ୍ୱର ଘାଟରୁ କଳସ ଶୋଭାଯାତ୍ରା ବାହାରି ପୀଠରେ ପହଞ୍ଚି ଥିଲା। ଏହାପରେ ପୂଜା ଆରମ୍ଭ କରାଯାଇଥିଲା। ବେଦଜ୍ଞ ବ୍ରାହ୍ମଣ ପର୍ଶୁରାମ ଦାସମହାରାଜ, ଧରଣୀଧର ପଣ୍ଡା, ସତ୍ୟନାରାୟଣ ମିଶ୍ର, କାଳନ୍ଦୀ ଚରଣ ସତପଥି, ଶ୍ୟାମସୁନ୍ଦର ସତପଥି, ଗୋକୁଳ ଚନ୍ଦ୍ର ପଣ୍ଡା ପ୍ରମୁଖଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମ୍ପାଦନ କରାଯାଉଛି । ପ୍ରତ୍ୟେହ ଷୋଡଶ ଉପଚାର ପୂଜା, ସୂର୍ଯ୍ୟପାଠ ସହ ଚଣ୍ଡୀପାଠ କରାଯାଉଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ପରିବେଷଣ କରାଯିବା ସହ ସହସ୍ରାଧିକ ଭକ୍ତଙ୍କ ଯଜ୍ଞସ୍ଥଳୀରେ ସମାଗମ ହେଉଛି। କମିଟିର କର୍ମକର୍ତ୍ତା ସରପଞ୍ଚ ବିଶ୍ୱନାଥ ସ୍ୱାଇଁ, ପ୍ରତାପ ଚନ୍ଦ୍ର ଧଳ, ନିକୁଞ୍ଜ ସାହୁ, ସୁଦର୍ଶନ ବେହେରା ପ୍ରମୁଖ ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି। ରବିବାର ଯଜ୍ଞର ପୂର୍ଣ୍ଣାହୂତି ହେବା ସହ ସମୂହ ପ୍ରସାଦ ସେବନ ଓ ସନ୍ଧ୍ୟାରେ ବାଦିପାଲା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଡେରାବିଶ,୧୪ ।୧୨ (ସ୍ୱ.ପ୍ର.)**

**ଶାଶୁ ଘର ଲୋକେ ମାରି ଦେଇଥିବା ଅଭିଯୋଗ**

ଡେରାବିଶ ଥାନା ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତର ତିଲୋକଣା ଗ୍ରାମରେ ଶନିବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ମହିଳା ଜଣକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁଘର ପକ୍ଷରୁ କୁହାଯାଇଛି । କିନ୍ତୁ ଯୌତୁକ ପାଇଁ ତାଙ୍କୁ ମାରି ଦିଆଯାଇଥିବା ବାପଘର ପକ୍ଷରୁ ଝିଅର ମା’ ପ୍ରମିଳା ସାମଲ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତା ମହିଳା ଜଣକ ହେଲେ ତ୍ରିଲୋଚନ ବିଶ୍ୱାଲଙ୍କ ସ୍ତ୍ରୀ ଶୁଭଦର୍ଶନୀ(୩୨)।

ଅଭିଯୋଗ ଅନୁଯାୟୀ, କେନ୍ଦ୍ରାପଡା ଥାନା ଅନ୍ତର୍ଗତ ଗୋବିନ୍ଦଜୀଉପାଟଣା ଗ୍ରାମର ଶୁଭଦର୍ଶନୀ ତିଲୋକଣା ଗ୍ରାମର ତ୍ରିଲୋଚନଙ୍କୁ ଗତ ୨୦୧୦ ମସିହା ଜୁଲାଇ ମାସରେ ବୈଦିକ ରୀତିରେ ମନ୍ଦିରରେ ବିବାହ କରିଥିଲେ । ତ୍ରିଲୋଚନ ପାଇପ ମିସ୍ତ୍ରି ଭାବେ ବାହାର ରାଜ୍ୟରେ ଥିବା ସମୟରେ ବିବାହ ପରଠାରୁ ଶୁଭଦର୍ଶନୀଙ୍କୁ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଇ ଆସୁଥିଲେ। ଏପରି କି ଶୁଭଦର୍ଶନୀଙ୍କର କୌଣସି ସନ୍ତାନ ନ ହେବାର ସୁଯୋଗ ନେଇ ଶାଶୁଘର ଲୋକେ ମାଡ ମାରୁଥିଲେ। ଗତ କିଛି ଦିନ ହେବ ସ୍ୱାସ୍ଥ୍ୟଗତ କାରଣରୁ ତ୍ରିଲୋଚନ ଘରେ ରହି ଚିକିତ୍ସିତ ହେଉଥିବା ବେଳେ ଶନିବାର ସକାଳୁ ସେ ଚିକିତ୍ସା ନିମନ୍ତେ ସାଲେପୁର ଯାଇଥିଲେ। ଏହି ସମୟରେ ତାଙ୍କ ଗ୍ରାମର କୌଣସି ବ୍ୟକ୍ତି ଫୋନ ଯୋଗେ ଶୁଭଦର୍ଶନୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗକାରିଣୀ ପ୍ରମିଳାଙ୍କୁ ଜଣାଇଥିଲେ। ଫଳରେ ଶୁଭଦର୍ଶନୀଙ୍କ ମାଆ ପ୍ରମିଳା ଓ ବାପା ଝିଅ ଘରେ ପହଞ୍ଚି ଥିଲେ । ତେବେ ମୃତ୍ୟୁର କାରଣ ନେଇ ଶାଶୁଘର ଲୋକଙ୍କ କଥାରେ ତାଳମେଳ ନ ଥିବାରୁ ସେ ଏ ନେଇ ଥାନାରେ ଦୁଇ ଦେଢଶୁର, ଯାଆ ଓ ତିନି ପୁତୁରାଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ କେସ ନଂ- ୨୦୫/୧୯ରେ ଏକ ମାମଲା ରୁଜୁ କରି ମୃତଦେହ ଜବତ କରିଛି । ଏହି ଘଟଣାରେ ପୋଲିସ ତ୍ରିଲୋଚନଙ୍କୁ ଥାନାକୁଆଣି ପଚରାଉଚୁରା ଚଳାଇଛି।

## ରଘୁନାଥପୁର ବ୍ଲକ ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ

# ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ଦାୟିତ୍ୱ ଶିକ୍ଷକ ସମାଜର

**ରଘୁନାଥପୁର,୧୪।୧୨(ଡି.ଏନ.ଏ.)**

କୋମଳମତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଖୋଜି ବାହାର କରିବାକୁ ପଡିବ। ଏହି ଅନ୍ତର୍ନିହିତ ଗୁଣକୁ ଚିହ୍ନି ବିକଶିତ କରିବା ଦାୟିତ୍ୱ ଶିକ୍ଷକ ସମାଜର ବୋଲି ରଘୁନାଥପୁର ବ୍ଲକ ଓଷ୍ଟା ପକ୍ଷରୁ ନାଳିବର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଶିଶୁ ଉତ୍ସବ ଉଦ୍‌ଘାଟନ ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ ରଖିଥିଲେ। ବ୍ଲକ ଓଷ୍ଟା ସଭାପତି ବିଜୁନାଥ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜିଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ନାରାୟଣ ଚନ୍ଦ୍ର ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଷ୍ଟା ପକ୍ଷରୁ କରାଯାଇଥିବା ପ୍ରୟାସ ଦିନେନା ଦିନେ ଶତ ପ୍ରତିଶତ ସଫଳତା ଆଣିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ନାୟକ, ବ୍ଲକ ସମ୍ପାଦକ ଶରତ ଚନ୍ଦ୍ର ପଣ୍ଡା, ପ୍ରଧାନ ଶିକ୍ଷକ ହୃଷୀକେଶ ଯୋଗାଣିଆ, ଜିଲା ସଭ୍ୟ ରାଜକିଶୋର ସାହୁ, ଜିଲା ଯୁଗ୍ମ ସମ୍ପାଦକ ଅନୀଲ କୁମାର ଜେନା ଉପସ୍ଥିତ ହୋଇ ଶିକ୍ଷଣୀୟ ଉପଦେଶ ପ୍ରଦାନ କରିଥିଲେ। ଉତ୍ସବରେ ୧୫ଟି ଉଚ୍ଚ ବିଦ୍ୟାଳୟର ୧୫୫ ଛାତ୍ରୀଛାତ୍ର ୧୦ ଗୋଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଷ୍ଟା ବ୍ଲକ ସମ୍ପାଦକ ରଞ୍ଜନ କୁମାର ମିଶ୍ର ବାର୍ଷିକ ବିବରଣୀ ସହ ସ୍ୱାଗତ ଭାଷଣ ଦେଇଥିଲାବେଳେ ଶିକ୍ଷକ ପବିତ୍ର କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯପାନୀ ଉତ୍ସବରେ ଜିଲା ଓଷ୍ଟାର ଉପଦେଷ୍ଟା ନିକୁଞ୍ଜ କିଶୋର ବେହେରା ମୁଖ୍ୟଅତିଥି ଓ ଯୁଗ୍ମ ସମ୍ପାଦକ ସ୍ମୃତିରଞ୍ଜନ ପରିଜା ବକ୍ତା ଭାବେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ ଓ ନୃତ୍ୟ, ସାଧାରଣଜ୍ଞାନ ଏବଂ କୁଇଜ୍ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିଲେ। ସେମାନେ ଜିଲାସ୍ତର ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ଉତ୍ସବରେ ଶିକ୍ଷକ ସୁଧୀର କୁମାର ନାୟକ ଅତିଥି ପରିଚୟ, ରମାକାନ୍ତ ନାୟକ ସ୍ୱାଗତ ଭାଷଣ, ନୃସିଂହ ଚରଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ଶିଶୁ ମେଳାରେ ଉପସ୍ଥିତ ଅତିଥି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ଆଷାଢ଼ ସାହିତ୍ୟ ସଂସଦର ୨୮ତମ ବାର୍ଷିକୋତ୍ସବ

# ସାହିତ୍ୟ ସମାଜର ହିତସାଧନ କରିଥାଏ

**ବିରିଡ଼ି/ବାଲିଆ,୧୪।୧୨(ଡି.ଏନ.ଏ.)**



ଆଷାଢ଼ ସାହିତ୍ୟ ସଂସଦ ବାର୍ଷିକ ଉତ୍ସବରେ ସମ୍ମାନିତ ପ୍ରତିଭା ଓ ଅନ୍ୟମାନେ।

ସାହିତ୍ୟ ସମାଜର ହିତସାଧନ କରିଥାଏ। ଗ୍ରାମାଞ୍ଚଳରେ ସାହିତ୍ୟର ବାସ୍ନା ଭରି ରହିଛି। ନଈ ପଠାର ସୋରିଷ ଫୁଲ, କୃଷକର ଧାନ କ୍ଷେତ, ଖଳାବାଡିର କୁସୁମ ଓ ସେବତୀ ଫୁଲ କବିର ମନରେ ଭାବାବେଗ ସୃଷ୍ଟି କରିଥାଏ। ଏଣୁ ସାହିତ୍ୟର ପ୍ରାଣ ଗାଁରେ ଅଛି ବୋଲି ଆଷାଢ଼ ସାହିତ୍ୟ ସଂସଦ ଦଳେଇଘାଇର ୨୮ତମ ବାର୍ଷିକୋତ୍ସବ, ରାଜ୍ୟସ୍ତରୀୟ ଲେଖକ ସମ୍ମିଳନୀ, ପତ୍ରିକା ଉନ୍ମୋଚନ ଓ ମାନପତ୍ର ପ୍ରଦାନ ଉତ୍ସବରେ ଉପସ୍ଥିତ ବକ୍ତା ମତବ୍ୟକ୍ତ କରିଛନ୍ତି। ଶନିବାର ହାଜିପୁରସ୍ଥିତ ଜେନେସିସ ଆଇଟିଆଇ ପରିସରରେ ଅନୁଷ୍ଠିତ ସଂସଦର ବାର୍ଷିକୋତ୍ସବକୁ ଧାନକୁଦ ପୀଠର ପୀଠାଧିଶ ବାବା ଅରକ୍ଷିତ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ଉତ୍ସବ କମିଟି ଅଧକ୍ଷ ନିଳମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥିଭାବେ ସାହିତ୍ୟିକ ଡ. ଶ୍ରୀଚରଣ ଦାସ, କବି ପିନାକୀ ସିଂହ, କବି ବିଭୂତି ରାୟ ଯୋଗ ଦେଇଥିବା ବେଳେ ବେଦପାଠ କରିଥିଲେ ପଣ୍ଡିତ ଗୁରୁପ୍ରସାଦ ରଥ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସଂସଦ ସଭାପତି କବି ପୀତାମ୍ବର ମହାପାତ୍ର। ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଅନୁଷ୍ଠାନ ସମ୍ପାଦକ ଖଗେଶ୍ୱର ମହାରଣା। ସଂଯୋଜନା କରିଥିଲେ କବୟିତ୍ରୀ ପ୍ରିତମା ସାହୁ, ଅମିତା ଦାସ, ସଂଯୋଜକ ଭାବେ ସୌମେନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ। ଏହି ଅବସରରେ ଆଷାଢ଼ ବାର୍ଷିକ ସଂଖ୍ୟା ୨୦୧୯ ଓ ପଣ୍ଡିତ କମଳାକାନ୍ତ ମିଶ୍ରଙ୍କ ଓଡ଼ିଆ ରୂପାନ୍ତର ‘ଶ୍ରୀରାମଚରିତ ମାନସ’ ଲଙ୍କା କାଣ୍ଡକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଜଚେନ୍ଦ୍ର ଜେନାଙ୍କୁ ବ୍ରଜକିଶୋର ପଣ୍ଡା ସ୍ମୃତି ସମ୍ମାନ, ଗୀତାଞ୍ଜଳି ପୃଷ୍ଟିଙ୍କୁ କୁଞ୍ଜଲତା ପଣ୍ଡା ସ୍ମୃତି ସମ୍ମାନ, ଗୟାଧର ମହାନ୍ତିଙ୍କୁ ରାଧନାଥ ଶତପଥୀ ସ୍ମୃତି ସମ୍ମାନ, ଅକ୍ଷୟ ସ୍ୱାଇଁଙ୍କୁ ବୀରବର ଦାଶ ସ୍ମୃତି ସମ୍ମାନ, ଗୋଲୋକ ବିହାରୀ ପଲାଇଙ୍କୁ କୈଳାସନାଇ ଦୀକ୍ଷିତ୍ ସ୍ମୃତି ସମ୍ମାନ, ଶଶୀକଳା ମହାପାତ୍ରଙ୍କୁ ବିଦ୍ୟୁତ୍‌ଲତା ଦେବୀ ସ୍ମୃତି ସମ୍ମାନ, ମନୋଜ ମହାନ୍ତିଙ୍କୁ ନରାୟଣ ପଣ୍ଡା ସ୍ମୃତି ସମ୍ମାନ, ଅରୁଣ ଆଚାର୍ଯ୍ୟଙ୍କୁ ପରମାନନ୍ଦ ସାହୁ ସ୍ମୃତି ସମ୍ମାନ, ଗିରୀଶ ଚନ୍ଦ୍ର ପାତ୍ରଙ୍କୁ କ୍ଷୀରୋଦ ଚନ୍ଦ୍ର ଶତପଥୀ ସ୍ମୃତି ସମ୍ମାନ ଓ ଉଦୟନାଥ ଚୌଧୁରୀଙ୍କୁ ବ୍ରଜବନ୍ଧୁ ଶତପଥୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୭୦ଜଣରୁ ଊର୍ଦ୍ଧ୍ୱ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶେଷରେ କବୟିତ୍ରୀ କାଦମ୍ବିନୀ ପରିଜା ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଡିସେମ୍ବର ୧୫/୨୦୧୯ Bhubaneswar, Sunday, December 15/2019




## ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ




# ଗୋଲକୁଣ୍ଡ ଫାଇନାଲକୁ ଉନ୍ନୀତ

**ରସୁଲପୁର,୧୪।୧୨(ଡି.ଏନ୍.ଏ.):** ଯାଜପୁର ବ୍ଲକ ଅନ୍ତର୍ଗତ ଖାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ ଗ୍ରାମର ସତ୍ୟସାଇ କ୍ରିକେଟ ପଡ଼ିଆରେ ଅନୁଷ୍ଠିତ ୩୫ତମ ସର୍ବଭାରତୀୟ କ୍ରିକେଟ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ବିଶ୍ୱଭାରତୀକୁ ହରାଇ ବିଏମ୍‌ସିସି,ଗୋଲକୁଣ୍ଡ ଫାଇନାଲରେ ପ୍ରବେଶ କରିଛି। ଗୋଲକୁଣ୍ଡ କ୍ରିକେଟ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରରେ ଦଳ ୮ ଉଇକେଟ ବିନିମୟରେ ୧୯୩ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସ ମ୍ୟାନ ଇମ୍‌ରାନ ଖାନ୍ ସର୍ବାଧିକ ୪୭ରନ୍, ଲେଲିନ ବଳ ୩୯ ରନ୍ ସଂଗ୍ରହ କରିଥିଲେ। ଜବାବରେ ବିଶ୍ୱଭାରତୀ ୨୨.୩ଓଭରରେ ୧୪୬ରନରେ ସୀମିତ ରହିଥିଲା। ଦଳପକ୍ଷରୁ ଲୋକରଞ୍ଜନ ରାଉତରାୟ ୨୭ ଓ ରୋଶନ ସ୍ୱାଇଁ ୨୩ ରନ୍ ସଂଗ୍ରହ କରିଥିଲେ। ବିଜୟୀ ଦଳର କାମ୍‌ରାନ ଖାନ୍‌କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବରେ ପୁରସ୍କୃତ ହୋଇଥିଲେ। ମୁଖ୍ୟଅତିଥି ଭାବରେ ରଘୁନାଥ ଜେନା ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ



କରିଥିଲେ। ରମେଶ ମହାରଣା, ଆଶୁତୋଷ ପାଣି, ପ୍ରିୟନାଥ ରାଉତ, ଅରୁଣ ପତି, ଚିନ୍ମୟ ଦଳାଇ, ସୁମନ ସମ୍ବିତ ରାଉତ, ଉତ୍କଳ ଜେନା, ସରୋଜ ପାଢୀ, ମାଧବାନନ୍ଦ ଜେନା, ପ୍ରିୟବ୍ରତ ଗନ୍ତାୟତ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ରବିବାର ଫାଇନାଲ ମ୍ୟାଚ ବିଏମ୍‌ସିସି, ଗୋଲକୁଣ୍ଡ ଓ ଶହୀଦ ସ୍ପୋର୍ଟିଂ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କୁ ଅପହରଣ

ଭାପୁର,୧୪।୧୨(ଡି.ଏନ୍.ଏ.): ଫତେଗଡ ଥାନା ଅଞ୍ଚଳର ଜଣେ ବିବାହିତ ଯୁବକ ଯୁକ୍ତ ୨ ଶ୍ରେଣୀରେ ପଢୁଥିବା ଛାତ୍ରୀଙ୍କୁ ଅପହରଣ କରିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଫତେଗଡ଼ ଥାନା ଅଞ୍ଚଳର ନାବାଳିକା ଛାତ୍ରୀ ଭାପୁର ବ୍ଲକର ଏକ କଲେଜରେ ଯୁକ୍ତ ୨ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରନ୍ତି। ଛାତ୍ରୀ ଜଣଙ୍କୁ ଫତେଗଡ଼ ପଞ୍ଚାୟତର ଜଣେ ବିବାହିତ ଯୁବକ ଏକତରଫା ପ୍ରେମ କରୁଥିଲେ। ହେଲେ ନାବାଳିକା ଏହାକୁ ବିରୋଧ କରିଆସୁଥିଲେ। ଶନିବାର ସକାଳ ୬ଟା ୩୦ ମିନିଟ୍ ସମୟରେ ଛାତ୍ରୀ ଜଣକ ସାଙ୍ଗମାନଙ୍କ ସହ ଟ୍ୟୁଶନ ହେବାକୁ ଯାଉଥିବା ସମୟରେ ୨ଟି ବୋଲେରୋରେ ୮/୧୦ ଜଣ ଯୁବକ ଓ କିଛି ମହିଳା ତାଙ୍କୁ ଜୋରଜବରଦସ୍ତ ଟେକି ନେଇଯାଇଥିଲେ। ଘଟଣାସ୍ଥଳରେ ଛାତ୍ରୀଙ୍କ ସାଇକେଲ ଓ ଚପଲ ପଡ଼ିରହିଥିଲା। ଏ ନେଇ ଛାତ୍ରୀଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୧୫/୧୯) ରୁଜୁ କରି ଅପହରଣକାରୀଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

### ଶକ୍ତି ଅପଚୟ ରୋକିବାକୁ ଆହ୍ୱାନ

ଭାପୁର,୧୪।୧୨(ଡି.ଏନ୍.ଏ.): ଭାପୁରଠାରେ ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଶକ୍ତିର ନୂତନ ଉତ୍ସ ଖୋଜିବା ଓ ଶକ୍ତି ଅପଚୟ ରୋକିବା ପାଇଁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବରୁ ଏହି ପ୍ରସଙ୍ଗ ଉପରେ ବ୍ଲକର ସମସ୍ତ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠରେ ଲିଖିତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଏହି ବିଦ୍ୟାଳୟର ଛାତ୍ର ଜ୍ୟୋତିରଞ୍ଜନ ପଣ୍ଡା ପ୍ରଥମ ଓ କାର୍ତ୍ତିକେଶ୍ୱର ସାହୁ ତୃତୀୟ ହୋଇଥିବାବେଳେ ରାକମା ରାମଚନ୍ଦ୍ର ହାଇସ୍କୁଲର ଛାତ୍ରୀ ପ୍ରତିଭା ପ୍ରିୟଦର୍ଶିନୀ ଦାଶ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ଶନିବାର ଆୟୋଜିତ ଉତ୍ସବରେ ଅତିଥିମାନେ ପୁରସ୍କୃତ କରିଥିଲେ।

### ଭାଜପାର ମଣ୍ଡଳ ସଭାପତି ଓ ଜିଲା ପ୍ରତିନିଧି ଚୟନ

ନୟାଗଡ଼ ଅଫିସ,୧୪।୧୨:ନୟାଗଡ଼ ସହର ନୂଆ ରାଜବାଟୀ କଲ୍ୟାଣମଣ୍ଡପଠାରେ ଶନିବାର ଜିଲା ଭାଜପାର ସାଙ୍ଗଠନିକ ନିର୍ବାଚନୀ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସନ୍ନ୍ୟାସୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ଦିଲୀପ ମଲ୍ଲିକ ଯୋଗଦେଇ ଜିଲାର ୨୮ ମଣ୍ଡଳର ସଭାପତି ଓ ଜିଲା ପ୍ରତିନିଧିଙ୍କ ନାମ ଘୋଷଣା କରିଥିଲେ। ଆଗାମୀ ଦିନରେ ଜିଲାର ନୂତନ ସଭାପତି ମନୋନୟନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଜିଲା ନିର୍ବାଚନ ଅଧିକାରୀ ଜଗନ୍ନାଥ ପ୍ରଧାନ, ସହ ପ୍ରମୁଖ ପବିତ୍ର ମୋହନ ଦାସ, ସ୍ମୃତିରେଖା ପଟ୍ଟନାୟକ, ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ଦୀପକ ଗୋଛାୟତ ଉପସ୍ଥିତ ଥିଲେ।

# ମୋବାଇଲ ଟର୍ଚ୍ଚରେ ରୋଗୀ ଦେଖିଲେ

**ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ**
- ଜିଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ

ନୟାଗଡ଼ ଅଫିସ,୧୪।୧୨

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଦ୍ୟୁତ୍ କଟିଯାଇଥିବା ବେଳେ ଜଣେ ଡାକ୍ତର ମୋବାଇଲ୍ ଟର୍ଚ୍ଚରେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜଣକ ପରେ ଜଣେ ୭ ଜଣ ରୋଗୀଙ୍କୁ ଦେଖି ସେମାନଙ୍କ ପାଇଁ ମେଡିସିନ୍ ମଧ୍ୟ ଲେଖିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଏଭଳି ଘଟଣା ଜିଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅନ୍ୟପଟେ ଲାଇନ କଟିଲେ ସଙ୍ଗେ ସଙ୍ଗେ ବିଦ୍ୟୁତ୍ ଯୋଗାଣ ପାଇଁ ଥିବା ଲକ୍ଷାଧିକ ଟଙ୍କାର ଜେନେରେଟର କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି।

ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟା ୭ଟା ୩୦ ମିନିଟରେ ଡାକ୍ତର ରାଉଣ୍ଡରେ ବାହାରିଥିଲେ। ପ୍ରଥମେ ସେ ମେଡିସିନ ୱାର୍ଡ଼ର ଦୁଇଟି କୋଠରି ବୁଲିବା ପରେ ୩ ନମ୍ବର କୋଠରିକୁ ଯାଇଥିଲେ। ସେହି ସମୟରେ ହଠାତ୍ ବିଦ୍ୟୁତ୍ କଟିଯାଇଥିଲା। ୫ ମିନିଟ ବିତିବା ପରେ ମଧ୍ୟ ଲାଇନ୍ ଆସି ନ ଥିଲା। ଫଳରେ ସେଠାରେ ଥିବା ଜଣେ ବ୍ୟକ୍ତି ମୋବାଇଲ୍‌ରେ ଟର୍ଚ୍ଚ ଲାଇଟ ପକାଇବାରୁ ଡାକ୍ତର ରୋଗୀଙ୍କୁ ଦେଖିଥିଲେ। ଏହା ପରେ ୱାର୍ଡ଼ରେ ଥିବା ଦିଦି ଜଣକ ଲାଇନମ୍ୟାନ୍‌ଙ୍କୁ ଫୋନ୍ କରି କହିବା ପରେ ବିଦ୍ୟୁତ୍ ଯୋଗାଣ ହୋଇଥିଲା। ହେଲେ ଜେନେରେଟର ଦ୍ୱାରା ଲାଇନ୍ ସଂଯୋଗ କରାଯାଇଥିଲେ ମଧ୍ୟ ୫ ମିନିଟ ପରେ ପୁନର୍ବାର କଟିଯାଇଥିଲା। ଏଭଳି ପ୍ରାୟ ଅଧଘଣ୍ଟା କାଳ ବିଦ୍ୟୁତ୍‌ର ଲୁଚକାଳି ଖେଳ ଦେଖିବାକୁ ମିଳିଥିଲା। ଡାକ୍ତର ଅପେକ୍ଷା ନ କରି ଜଣକ ପରେ ଜଣେ ମେଡ଼ିସିନ୍ ୱାର୍ଡ଼ରେ ଥିବା ୭ ଜଣ ରୋଗୀଙ୍କୁ ମୋବାଇଲ୍ ଲାଇଟ୍‌ରେ ଦେଖିଥିଲେ। ସେମାନଙ୍କ ପାଇଁ ଔଷଧ ମଧ୍ୟ ଲେଖିଥିଲେ। ଏଭଳି ଘଟଣା ନୂଆ ନୁହେଁ। ପୂର୍ବରୁ ୨୭ ସେପ୍ଟେମ୍ବର ୨୦୧୮ରେ ବିଦ୍ୟୁତ୍ କଟିଯାଇଥିବା ବେଳେ ଜଣେ ମହିଳା ରୋଗୀଙ୍କୁ ଡାକ୍ତର ଟର୍ଚ୍ଚ ଲାଇଟରେ ଚିକିତ୍ସା କରିଥିଲେ। ସୂଚନାଯୋଗ୍ୟ ଯେ, କିଛିମାସ ତଳେ ୫-ଟି ସଚିବ, ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ସଚିବ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପରିଦର୍ଶନରେ ଆସିଥିଲେ। ଏହା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ୱାର୍ଡ଼ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁର କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ସରକାର ସମସ୍ତ ବ୍ୟବସ୍ଥା ଯୋଗାଇ ଦେଉଥିଲେ ମଧ୍ୟ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଖାମଖିଆଲ ମନୋଭାବ ଯୋଗୁ ଏଭଳି ଅବ୍ୟବସ୍ଥା ଦେଖାଦେଉଥିବା କୁହାଯାଉଛି। ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲାବାସୀ ଦାବି କରିଛନ୍ତି।



ମୋବାଇଲ ଟର୍ଚ୍ଚରେ ରୋଗୀ ଦେଖୁଛନ୍ତି ଡାକ୍ତର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖା ଖା ବୋଇଲେ କି ଦିନ ସରେ,**
**ନା ଦେବି ଦେବି ବୋଇଲେ ଦୁଃଖ ହରେ ?**

ଆପଣାର ଭାବ ନ ଥିଲେ ଯେତେ ସୁନ୍ଦର ଖାଦ୍ୟ ହୋଇଥିଲେ ମଧ୍ୟ ପାଟିକୁ ତାହା ରୁଚି ନ ଥାଏ। ସାହାଯ୍ୟ ନ କରି ଦେବି ଦେବି ବୋଲି ମିଛ ଆଶ୍ୱାସନା ଦେଇ ଚାଲିଲେ ଦୁଃଖର ଦିନ ହଟିଯାଇ ନ ଥାଏ। ଯେଉଁଠି ସ୍ନେହ, ଆଦର, ସହାନୁଭୂତି ତଥା ଆନ୍ତରିକ ଭାବ ନ ଥାଏ ସେଠି ଏସବୁ ମୂଲ୍ୟହୀନ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଲିଆ ବୋଇଲା ପାଟଳାରେ**
**ଦେଖ ମୋର ଚାଲିକି**
**ତୁ ମୁଁ ଦିହେଁ ଏକାଠି ହେଲେ**
**ଗୋସେଇଁ ଖାଇବା କାଲିକି ।**

ଖଲିଆ ଓ ପାଟଳା ବଳଦ ଉଭୟେ ମାଲିକର ଅମଙ୍ଗଳ ଚାହାନ୍ତି। ଖାଲିଆ ବଳଦ ଭଲ ଚାଲିପାରେ ନାହିଁ, ସେ ପାଟଳାକୁ ସାଙ୍ଗକରି ତା'ପରି ଧୀରେ ଚାଲିବାକୁ ପ୍ରବର୍ତ୍ତାଇବା ଅର୍ଥ ଚାଷକାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା। ଫଳସ୍ୱରୂପ ଏପରି ବଳଦ ଥିଲେ ମାଲିକର ଭୀଷଣ କ୍ଷତି ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ଜାତୀୟ ଲୋକ ଅଦାଲତ

# ୪୧୭ ମାମଲା ଫଇସଲା

ନୟାଗଡ଼ ଅଫିସ,୧୪।୧୨

ନୟାଗଡ଼ ଜିଲା ଜଜ୍ କୋର୍ଟଙ୍କ ପକ୍ଷରୁ ଶନିବାର ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ଗୋପାଳ ଚନ୍ଦ୍ର ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଲୋକ ଅଦାଲତରେ ମୋଟ ୫୨୭୨ ମାମଲା ଆଗତ କରାଯାଇଥିଲା। ସେଥିମଧ୍ୟରୁ ୪୧୭ ମାମଲାର ଫଇସଲା ହୋଇଥିଲା। ୧୪୦ଟି ଗାଡ଼ି ମୋଟର ଦୁର୍ଘଟଣାଜନିତ ମାମଲା ଆଗତ କରାଯାଇଥିବା ବେଳେ ୧୩ଟିର ଫଇସଲା କରାଯାଇ ୫୨ ଲକ୍ଷ ୪୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୧୭୨ ବୈବାହିକ ମାମଲାରୁ ୧୦୨ ଓ ୩୩୦ ଜମିଜମା ମାମଲାରୁ ୩୨ଟିର ଫଇସଲା ହୋଇଥିଲା। ରଫାଦଫା ଫୌଜଦାରି ମାମଲା ୩୧ ଗୋଟି, ୩ ଚେକ୍ ବାଉନ୍ସ ମାମଲା, ୨୧୨ ଋଣ ମାମଲା, ୨୪ ଗୋଟି ବିଦ୍ୟୁତ୍ ସମ୍ବନ୍ଧୀୟ ମାମଲା ଫଇସଲା ହୋଇଥିଲା। ଉକ୍ତ ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍, ବିଚାର ବିଭାଗୀୟ ରେଜିଷ୍ଟ୍ରାରଙ୍କ ସହିତ ଅନ୍ୟ ଜଜ୍‌ମାନେ ଯୋଗଦେଇଥିଲେ। ସମସ୍ତ ବିଚାର ବିଭାଗୀୟ ଅଦାଲତରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ମାମଲା ଫଇସଲା କରିଥିଲେ।



ଅନୁଷ୍ଠିତ ହୋଇଥିବା ଲୋକ ଅଦାଲତ।

### ଶକ୍ତି ସଂରକ୍ଷଣ ପ୍ରକଳ୍ପ ପ୍ରଦର୍ଶନ ତୃତୀୟ ସ୍ଥାନରେ ବନମାଳୀପୁରର ୨ଛାତ୍ର

ଖଣ୍ଡପଡା,୧୪।୧୨ (ସ୍ୱ.ପ୍ର.)

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଭୁବନେଶ୍ୱର ଜୟଦେବ ଭବନରେ ଶନିବାର ଆୟୋଜିତ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ପ୍ରତିଯୋଗିତାରେ ଖଣ୍ଡପଡା ବ୍ଲକ ଅଞ୍ଚଳର ୨ଛାତ୍ର ୩ୟ ସ୍ଥାନ ଅଧିକାର କରିଛନ୍ତି। ସେମାନେ ହେଲେ ବନମାଳୀପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ଅମ୍ଳାନ ଜୟସିଂ ଓ ମହେଶ କୁମାର ପୃଷ୍ଟି। ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରିଛି। ରାଜ୍ୟ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ୨ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ମାର୍ଗଦର୍ଶନରେ ବିଦ୍ୟାଳୟର ସମ୍ପୃକ୍ତ ୨ଛାତ୍ର ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଅନୁଷ୍ଠାନ ପାଇଁ ଗୌରବ ଆଣିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ସେହିପରି ବନମାଳୀପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ରଶ୍ମିରଞ୍ଜନ ଦାସଙ୍କ ମଡେଲ ମାଧ୍ୟମରେ ଗଣିତ ଶିକ୍ଷା ପ୍ରକଳ୍ପ ନୟାଗଡ ଜିଲା ସ୍ତରରୁ ରାଜ୍ୟ ସ୍ତରକୁ ମନୋନୀତ ହୋଇଥିବା ବିଜ୍ଞାନ ଶିକ୍ଷକ ସାହୁଙ୍କ ଠାରୁ ପ୍ରକାଶ । ରଶ୍ମିରଞ୍ଜନଙ୍କ ଦ୍ୱାରା ନିର୍ମିତ ପ୍ରକଳ୍ପଟି ଆସନ୍ତା ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଗୋଳଠାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଦର୍ଶିତ ହେବ ବୋଲି ଅନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଜଣାଇଛନ୍ତି ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୫ ତାରିଖ (ରବିବାର)**
- ନୟାଗଡ଼ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର
  **ସ୍ଥାନ :** ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ଓଡ଼ଗାଁ, ସମୟ: ପୂର୍ବାହ୍ନ ୧୦ଟା
- ବିଶ୍ୱଶାନ୍ତି ଘୃତ ଓ ଅନ୍ନ ଯଜ୍ଞ
  **ସ୍ଥାନ :** ତୋଟାସାହି, ଓଡ଼ଗାଁ, ସମୟ: ସକାଳ ୮ଟା
- ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁମେଳା
  **ସ୍ଥାନ :** ବାଲୁଙ୍କେଶ୍ୱର ବିଦ୍ୟାପୀଠ, ଭାପୁର, ସମୟ: ପୂର୍ବାହ୍ନ ୧୦ଟା
- ରାଜ୍ୟସ୍ତରୀୟ ସଦାନନ୍ଦ ମୋମୋରିଆଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ
  **ସ୍ଥାନ :** ନାଳିସାଗର ଖେଳପଡ଼ିଆ, ଫତେଗଡ଼, ଭାପୁର ସମୟ:ପୂର୍ବାହ୍ନ ୧୧ଟା
- ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଆବିର୍ଭାବ ଉତ୍ସବ
  **ସ୍ଥାନ :** ଜୟଗୁରୁ ମାର୍ଗ, ବ୍ଲକ ରୋଡ୍, ଭାପୁର, ସମୟ: ପୂର୍ବାହ୍ନ ୧୧ଟା ୩୦
- ବିଜେଡି ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ବୈଠକ
  **ସ୍ଥାନ :** ବିଜେଡି କାର୍ଯ୍ୟାଳୟ, ନୟାଗଡ଼, ସମୟ: ଅପରାହ୍ନ ୫ଟା

**୧୬ ତାରିଖ (ସୋମବାର)**
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର
  **ସ୍ଥାନ :** ବ୍ଲକ କାର୍ଯ୍ୟାଳୟ ପରିସର, ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୧ଟା

**୧୯ ତାରିଖ (ଗୁରୁବାର)**
- ଭଣ୍ଡାର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ
  **ସ୍ଥାନ :** ଯାତ୍ରା ପଡ଼ିଆ, ଶରଣକୁଳ, ସମୟ: ଅପରାହ୍ନ ୪ଟା

**୨୦ ତାରିଖ (ଶୁକ୍ରବାର)**
- ପଞ୍ଚାୟତ ସମିତି ଅଧିବେଶନ
  **ସ୍ଥାନ :** ବ୍ଲକ କାର୍ଯ୍ୟାଳୟ ପରିସର, ରଣପୁର, ସମୟ: ପୂର୍ବାହ୍ନ ୧୧ଟା

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| ନୟାଗଡ଼ ଅଫିସ | ରଞ୍ଜନ କୁମାର ପ୍ରଧାନ | ୯୪୩୭୭୭୫୭୩୦ |
| ଓଡ଼ଗାଁ | ଆଦର୍ଶ କୁମାର ପଟ୍ଟନାୟକ | ୯୪୩୭୩୬୫୬୬୮ |
| ନୂଆଗାଁ | ଧନେଶ୍ୱର ସାହୁ | ୯୯୩୭୪୪୮୧୧୦ |
| ଦଶପଲ୍ଲା | ପ୍ରକାଶ କୁମାର ପାଣି | ୯୪୩୯୮୪୯୦୫୫ |
| ଗଣିଆ | ସନ୍ତୋଷ କୁମାର ପ୍ରଧାନ | ୯୬୯୨୪୫୪୮୫୨ |
| ଭାପୁର | ଶୁଭେନ୍ଦୁ କୁମାର ପଟ୍ଟନାୟକ | ୯୪୩୮୦୪୦୯୪୩ |
| ଖଣ୍ଡପଡ଼ା | ଅଜୟ କୁମାର ମହାରଣା | ୯୮୫୩୬୪୩୨୧୧ |
| ରଣପୁର | ସୁକାନ୍ତ କିଶୋର ଡାକୁଆ | ୯୯୩୭୦୨୧୭୨୭ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନୀତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

# ଦଶପଲ୍ଲାରେ ଜବରଦଖଲ ଉଚ୍ଛେଦ

ଦଶପଲ୍ଲା,୧୪।୧୨(ଡି.ଏନ୍.ଏ.)

ଦଶପଲ୍ଲା ରାଜଲକ୍ଷ୍ମୀ କଲୋନୀରେ ବହୁ ସରକାରୀ ଜାଗା ଜବରଦଖଲରେ ରହିଥିଲା। ଶନିବାର ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜବରଦଖଲ ଉଚ୍ଛେଦ ହୋଇଥିଲା। ପରେ ଉକ୍ତ ଜାଗା ତହସିଲ ଅଧୀନକୁ ଆସିଥିବା ଜଣାଯାଇଛି। ଘଟଣାସ୍ଥଳରେ ପୋଲିସ ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ, ଦଶପଲ୍ଲା ଥାନା ଆଇଆଇସି ବିଶ୍ୱଜିତ ରାଉତରାୟ, ନୂଆଗାଁ ଥାନା ଅଧିକାରୀ ମନୋରମା ମଲିକ, ବାଣିଗୋଛା ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ସମେତ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।



ଜବରଦଖଲ ଉଚ୍ଛେଦ କରାଯାଉଛି।

# ଲୁକ୍କାୟିତ ପ୍ରତିଭାର ବିକାଶ ଉତ୍ସବର ଲକ୍ଷ୍ୟ




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ବ୍ଲକ୍‌ସ୍ତରୀୟ ଶିଶୁମେଳା**

ଖଣ୍ଡପଡା,୧୪।୧୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ଖଳିସାହି ଶ୍ରୀ ନୀଳକଣ୍ଠେଶ୍ୱର ଦେବ ବାଳିକା ଉଚ୍ଚ ବିଦ୍ୟାଳୟରେ ଓଡିଶା ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବ୍ଲକ୍‌ସ୍ତରୀୟ ଶିଶୁମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅନ୍ତର୍ଗତ ୧୪ଗୋଟି ଉଚ୍ଚ ବିଦ୍ୟାଳୟରୁ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିଶୁମେଳାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ ଓ ବୁଦ୍ଧି ପରୀକ୍ଷା ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଓଷ୍ଟାର ନୟାଗଡ଼ ଜିଲା ପୂର୍ବତନ ସମ୍ପାଦକ କିଶୋର ଚନ୍ଦ୍ର ପରମଗୁରୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଷ୍ଟାର ପୂର୍ବତନ ସଭାପତି ନିରଞ୍ଜନ ଆଚାର୍ଯ୍ୟ, ଜିଲା ସଭାପତି ତଥା ପ୍ରଧାନ ଶିକ୍ଷକ ଅଯୋଧ୍ୟାନାଥ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା, ଶ୍ୟାମସୁନ୍ଦର ରାଉତ, ସିଆରସିସି ନରେନ୍ଦ୍ର କୁମାର ସାହୁ, ପ୍ରଧାନ ଶିକ୍ଷକ ସନାତନ ମହାନ୍ତି, ବିଜୟ କୁମାର ବିଶୋୟୀ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବର ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଓଷ୍ଟାର ବ୍ଲକ ସମ୍ପାଦକ ପ୍ରଭାକର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଖଣ୍ଡପଡା ବ୍ଲକ ଓଷ୍ଟାର ସଭାନେତ୍ରୀ ସୁପ୍ରଭା ଦେଈଙ୍କ ପୌରୋହିତ୍ୟରେ ସାଧାରଣ ସଭା ଆୟୋଜିତ ହୋଇଥିଲା। ଲୁକ୍କାୟିତ ପ୍ରତିଭାର ବିକାଶ ଶିଶୁ ମେଳାର ମୁଖ୍ୟ ଲକ୍ଷ୍ୟ ହେଉ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଆସନ୍ତା୧୮ ତାରିଖରେ ଶରଣକୁଳ ନିକଟସ୍ଥ ଶିଖରପୁର ଦଧିବାମନ ହାଇସ୍କୁଲରେ ଓଷ୍ଟା ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଓଷ୍ଟା ପକ୍ଷରୁ ସୂଚନା ଦିଆଯାଇଥିଲା ।

# ୮ରେ ରାଜ୍ୟସ୍ତରୀୟ ଦଶପଲ୍ଲା କପ୍ ଫୁଟ୍‌ବଲ

ଦଶପଲ୍ଲା,୧୪।୧୨(ଡି.ଏନ୍.ଏ.)

ଦଶପଲ୍ଲା ସ୍ପୋଟିଭ ସ୍ପୋର୍ଟସ୍ ସୋସାଇଟି ଆନୁକୂଲ୍ୟରେ ଆସନ୍ତା ଜାନୁୟାରୀ ୮ରୁ ରାଜ୍ୟସ୍ତରୀୟ ଦଶପଲ୍ଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୧ଟି ଫୁଟବଲ ଟିମ୍ ଯୋଗଦେଉଥିବା ଅନୁଷ୍ଠାନର ସମ୍ପାଦକ ଭବାନୀ ପ୍ରସାଦ ମିଶ୍ରଙ୍କ ସୂତ୍ରରୁ ପ୍ରକାଶ।

# ପୂଜକ ସମାଜ ପକ୍ଷରୁ ଭଜନ ସମାରୋହ

ଖଣ୍ଡପଡା,୧୪।୧୨(ସ୍ୱ.ପ୍ର.)-ସ୍ଥାନୀୟ ନୀଳମାଧବ ପୂଜକ ସମାଜ ପକ୍ଷରୁ ଲକ୍ଷ୍ମୀପୂଜା ଅବସରରେ ଭଜନ ସମାରୋହ ଦୋଳ ମଣ୍ଡପଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ସାଇ ଅର୍ପଣ ଭଜନ ସନ୍ଧ୍ୟା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପୂଜକ ସମାଜ ସଭାପତିରାଜୀବକୁମାର ମିଶ୍ର ଓ ସମ୍ପାଦକ ହୃଷୀକେଶ ମିଶ୍ର ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ଗତିକୃଷ୍ଣ ସାହୁ, ବବୁଲ, କ୍ରିଷ୍ଣା, ସୋନାଲି ପ୍ରମୁଖ ଭଜନ ପରିବେଷଣ କରିଥିଲେ। ନୟାଗଡ ଜିଲାର ଲୋକପ୍ରିୟ କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥଙ୍କ ଭଜନ ଦର୍ଶକଙ୍କୁ ବିମୋହିତ କରିଥିଲା।

■ ସ୍ୱାଧୀନତାର ୭୧ ବର୍ଷ ପରେ ଗାଁରେ ଜଳିଥିଲା ବିଦ୍ୟୁତ୍

# ୧ ମାସ ପରେ ଯୋଉ ଅନ୍ଧାରକୁ ସେଇ ଅନ୍ଧାର

- ଲୋଭୋଲଟେଜ୍ ସମସ୍ୟା ହେଲାନି ସମାଧାନ
- ବିଦ୍ୟୁତ୍ ବିଲ୍ ନଦେବାରୁ କାଢ଼ିନେଲେ କଟ ଆଉଟ୍
- ଜିଲାପାଳଙ୍କୁ ଫେରାଦ୍ ହେଲେ ବନ୍ଧମୁଣ୍ଡା ବାସିନ୍ଦା

ରଣପୁର,୧୪।୧୨(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ବନ୍ଧମୁଣ୍ଡା ପଞ୍ଚାୟତବାସୀ ସ୍ୱାଧୀନତାର ୭୧ ବର୍ଷ ପରେ ପାଇଥିଲେ ବିଦ୍ୟୁତ୍ ସେବା। ଗତ ୧ମାସ ତଳେ ବିଦ୍ୟୁତ୍ ଆଲୋକ ଜଳିଥିଲାବେଳେ ଏବେ ଯେଉଁ ଅନ୍ଧାରକୁ ସେହି ଅନ୍ଧାର ମଧ୍ୟରେ ରହିଛନ୍ତି ଗ୍ରାମବାସୀ। ଆରମ୍ଭରୁ ଲୋଭୋଲଟେଜ୍ ସମସ୍ୟା ଲାଗି ରହିଥିଲା । ଏ ନେଇ ଲୋକେ ଅଭିଯୋଗ କରିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ସମସ୍ୟାର ସମାଧାନ କଲା ନାହିଁ । ଫଳରେ ଲୋକମାନେ ଠିକ୍ ଭାବେ ବିଦ୍ୟୁତ୍ ଜାଳି ପାରିଲେ ନାହିଁ । ହେଲେ ୧ମାସ ପରେ ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ଦେଖି ଉପଭୋକ୍ତା ଚିନ୍ତାରେ ପଡିଛନ୍ତି। କାହାର ୧୭୦୦ ତ କାହାର ୨୬୦୦ ଟଙ୍କା ବିଲ୍ ଆସିଥିଲା। ବ୍ୟବହାର ହୋଇ ନ ଥିବାବେଳେ ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ଦେଖି ଲୋକେ ସମସ୍ୟାରେ ପଡିଥିଲେ। ଗାଁକୁ ବିଲ୍ ସଂଗ୍ରହ କରିବାକୁ ଆସିଥିବା କର୍ମଚାରୀ ବିଦ୍ୟୁତ୍ ଦେୟ ମାଗିଥିଲେ। ଆମକୁ ଭଲ ଲାଇନ୍ ଦିଅ । ଆମେ ବିଦ୍ୟୁତ୍ ଦେୟ ଦେଇଦେବୁ ବୋଲି ଲୋକେ ଯୁକ୍ତି ବାଢିଥିଲେ। ଏଭଳିସ୍ଥଳେ ବିଲ୍ ସଂଗ୍ରାହକମାନେ କିଛି ନ ଶୁଣି କଟ୍ ଆଉଟ୍ କାଢ଼ି ଘରକୁ ଅନ୍ଧକାର କରି ଦେଇଥିଲେ । ବିଦ୍ୟୁତ୍ ଦେୟ ଦେଲେ ବିଦ୍ୟୁତ୍ ଜଳିବ କହି ଚାଲି ଯାଇଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଗ୍ରାମବାସୀ ଶନିବାର ନୟାଗଡ ଜିଲାପାଳଙ୍କୁ ଫେରାଦ୍ ହୋଇଛନ୍ତି। ଗ୍ରାମର ସୁରେଶ କୁମାର ପ୍ରଧାନ କୁହନ୍ତି, ସରକାର ଆଦିବାସୀଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରୁଛନ୍ତି । ତେବେ ଠିକ୍ ସମୀକ୍ଷା ହେଉ ନ ଥିବାରୁ ଆଦିବାସୀମାନେ ବିଦ୍ୟୁତ୍ ପରି ଅନେକ ଯୋଜନାରେ ହଇରାଣ ହେଉଛନ୍ତି। ପଞ୍ଚାୟତ ଚାରିପାଖେ ଜଙ୍ଗଲ ଘେରି ରହିଛି। ହିଂସ୍ରଜନ୍ତୁଙ୍କର ଭୟ ରହିଛି । ଏଭଳିସ୍ଥଳେ ଲୋଭୋଲଟେଜ ସମସ୍ୟା ସମାଧାନ ନ କରି ଲାଇନ୍ କାଟିଦେବା ଠିକ୍ ହେଲାନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ବୋର୍ଡ଼ରୁ କଟ୍‌ଆଉଟ୍ କାଢ଼ିନିଆଯାଇଛି।

